ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୨ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 22 JULY 2023

Vol.No. 35 ■ No. 193 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଭୂକମ୍ପ ଝଟକାରେ ଥରିଲା ରାଜସ୍ଥାନ ଓ ମଣିପୁର

ନୂଆଦିଲ୍ଲୀ,୨୧/୦୭ : ଆଜି ଭୋରରୁ ଭୂକମ୍ପ ଝଟକାରେ ଥରିଛି ରାଜସ୍ଥାନ ଓ ମଣିପୁର। ରାଜସ୍ଥାନର ଜୟପୁରରେ ୩ ଥର ଭୂକମ୍ପ ଅନୁଭୂତ ହୋଇଥିବା ବେଳେ ମଣିପୁରରେ ଥରେ ଏହା ଅନୁଭୂତ ହୋଇଥିବା ଜଣାଯାଇଛି । ଫଳରେ ଭୟଭୀତ ହୋଇ ଲୋକେ ଘର ଛାଡ଼ି ଖୋଲା ପଡ଼ିଆକୁ ପଳାଇଲେ। ଭୂମିକମ୍ପ ଯୋଗୁ ଉଭୟ ରାଜ୍ୟ ଧନଜୀବନ ହାନୀ ହୋଇଥିବା ନେଇ କୌଣସି ସୂଚନା ମିଳିନି । ଜାତୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜସ୍ଥାନର ଜୟପୁରରେ ପ୍ରଥମ ଭୂମିକମ୍ପ ଭୋର ୪ଟା ୧୦ ମିନିଟ୍‌ରେ ଅନୁଭୂତ ହୋଇଥିଲା। ଘଣ୍ଟାଏ ମଧ୍ୟରେ ସମୁଦାୟ ୩ ଥର ଭୂମିକମ୍ପ ଝଟକା ଅନୁଭୂତ ହୋଇଥିବା ଜଣାଯାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୪ ଥିବା ଜଣାଯାଇଛି। ପ୍ରଥମ ଭୂମିକମ୍ପ ଝଟକା ଭୋର ୪ଟା୧୦ ମିନିଟ୍‌ରେ , ଦ୍ୱିତୀୟ ଥର ୪ଟା୨୩ରେ ଓ ତୃତୀୟ ଭୂମିକମ୍ପ ଝଟକା ୪ଟା୨୫ ମିନିଟ୍‌ରେ ଅନୁଭୂତ ହୋଇଥିଲା। ପ୍ରଥମ ଭୂମିକମ୍ପ ଝଟକା ପରେ ଲୋକମାନେ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ। ସେହିପରି ମଣିପୁରର ଉଖରୁଲରେ ଭୋର ପ୍ରାୟ ୫ଟା୧ରେ ୩.୫ ତୀବ୍ରତା ଭୂମିକମ୍ପ ଅନୁଭୂତ ହେଲା।

ମଣିପୁର ଲଜ୍ଜା: ସଂସଦରେ ଅଚଳାବସ୍ଥା

ଅଲୋଚନା ପାଇଁ ବିରୋଧୀଙ୍କ ଦାବି

ନୂଆଦିଲ୍ଲୀ,୨୧/୦୭ : ମଣିପୁର ଲଜ୍ଜାକୁ ନେଇ ସଡ଼କରୁ ସଂସଦ ଯାଏଁ ଝଡ଼ ଥମିବାର ନାଁ ନେଉନାହିଁ। ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ବି ଆଜି ଏହି ପ୍ରସଙ୍ଗରେ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବିରୋଧୀ ସରକାରଙ୍କୁ ଘେରି ଆଲୋଚନା ପାଇଁ ଦାବି କରିଛନ୍ତି। ସରକାର ବି ଆଲୋଚନା ପାଇଁ ରାଜି ଥିବା କହିଛନ୍ତି। ହେଲେ କେଉଁ ରୁଲ ଅନୁଯାୟୀ ଆଲୋଚନା ହେବ ହେବ ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ଦେଖାଦେଇଛି। ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଇମ୍ଫାଲରୁ ଦିଲ୍ଲୀ ଯାଏଁ ଜୋର ଧରିଲାଣି ଉଚ୍ଚସ୍ତରୀୟ ତଦନ୍ତ ଦାବି। ଲୋକସଭାରେ ପ୍ରଶ୍ନ କାଳରେ ପ୍ରଥମେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ପ୍ରସଙ୍ଗରେ ଜବାବ ରଖିଥିଲେ। ହେଲେ ବିରୋଧୀ ସଦସ୍ୟ ଗୃହରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ହୋହଲ୍ଲା ଜାରି ରଖିଥିଲେ। ଏପରିକି କିଛି ସଦସ୍ୟ ପ୍ଲାକାର୍ଡ ଧରି ଗୃହ ମଧ୍ୟଭାଗକୁ ଆସି ହଙ୍ଗାମା କରିଥିଲେ। ଫଳରେ ଗୃହକୁ ଆସନ୍ତାକାଲି ଯାଏଁ ମୁଲତବୀ ରଖିବାକୁ ପଡିଥିଲା। ସେହିଭଳି ରାଜ୍ୟସଭାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା, ଗୃଉହ ଏକାଧିକବାର ମୁଲତବୀ ରହିଥିଲା। ସାରା ଦେଶକୁ ସ୍ତବଧ କରିଥିବା ଏହି ପ୍ରସଙ୍ଗରେ ସଂସଦରେ ଆଲୋଚନା କରିବାକୁ ଦାବି କରୁଛନ୍ତି ବିରୋଧୀ, ସରକାର ବି କହିଛନ୍ତି ଆଲୋଚନା ପାଇଁ ସେମାନେ ପ୍ରସ୍ତୁତ। ହେଲେ କେଉଁ ଆଧାରରେ ଆଲୋଚନା ହେବ, ତାକୁ ନେଇ ଦେଖାଦେଇଛି ମତପାର୍ଥ୍ୟକ। ବିରୋଧୀଙ୍କ ଦାବି ହେଲା, ଗୃହର ସମସ୍ତ କାର୍ଯ୍ୟକୁ ଦିନକ ପାଇଁ ବାତିଲ କରାଯାଉ ଏବଂ ମଣିପୁର ପ୍ରସଙ୍ଗରେ ରୁଲ୍ ୨୬୭ ରେ ଆଲୋଚନା କରାଯାଉ। ଏହି ରୁଲ୍ ଅନୁସାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ରାଜ୍ୟସଭା ସାଂସଦ ଗୃହର ଅଧକ୍ଷଙ୍କ ଅନୁମତିରେ ବାତିଲ କରିପାରିବେ। ଫଳରେ ମଣିପୁର ପ୍ରସଙ୍ଗରେ ଅଧିକ ଆଲୋଚନା ହୋଇପାରିବ। ତେଣୁ ଏହି ରୁଲ୍ ଅନୁସାରେ ଆଲୋଚନା ପାଇଁ ବିରୋଧୀ ଦଳର ଅନେକ ସାଂସଦ ନୋଟିସ୍ ଦେଇଛନ୍ତି। ଅପରପକ୍ଷରେ ସରକାରଙ୍କ ଯୁକ୍ତି ହେଉଛି ମଣିପୁର ପ୍ରସଙ୍ଗରେ ଗୃହରେ ରୁଲ୍ ୧୭୬ ଅନୁସାରେ ଆଲୋଚନା ହେଉ । ଏହି ରୁଲ ଅନୁଯାୟୀ ମାତ୍ର ଅଢ଼େଇ ଘଣ୍ଟା ଯାଏ ଆଲୋଚନା ହୋଇପାରିବ। କୌଣସି ବିଧିବଦ୍ଧ ମୋସନ ବା ଭୋଟିଂ କରାଯାଇପାରିବ ନାହିଁ । ତେଣୁ ଏହି ରୁଲ୍ ଅନୁସାରେ ଅଳ୍ପ ସମୟ ଆଲୋଚନା କରିବାକୁ ଚାହୁଁଛନ୍ତି ସରକାର। ମଣିପୁର ଘଟଣାରେ ୪ ଜଣ ଅଭିଯୁକ୍ତ ଏଯାଏଁ ଗିରଫ ହୋଇଥିବାବେଳେ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କୁ ଧରିବାକୁ ଜୋର ଧରିଛି ଦାବି। ଏ ଭିତରେ ମୁଖ୍ୟ ଅଭିଯୁକ୍ତର ଘରକୁ ଲୋକେ ଜାଳି ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଖବର ମିଳିବା ପରେ ପରେ ବହୁସଂଖ୍ୟକ ଉତ୍ୟକ୍ତ ମହିଳା ଏକତ୍ର ହୋଇ ଥେବାଲ୍ ଜିଲ୍ଲା ଅନ୍ତର୍ଗତ ୟାଇରୀପୋକ୍ ଗ୍ରାମରେ ମୁଖ୍ୟ ଅଭିଯୁକ୍ତ ହୁଇରେମ୍ ହେରୋଦାସ ମୈତେଇଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି।

ପଶ୍ଚିମବଙ୍ଗରେ ଅଭାବନୀୟ କାଣ୍ଡ : ମହିଳା ପ୍ରାର୍ଥୀଙ୍କୁ ଉଲଗ୍ନ କରି ବୁଲାଇଲେ

କୋଲକତା, ୨୧/୦୭ : ପଶ୍ଚିମବଙ୍ଗରୁ ମଣିପୁର ଭଳି ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପ୍ରାୟ ୧୨ ଦିନ ତଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ଶାସକ ତୃଣମୂଳ କଂଗ୍ରେସ ସହ ଜଡ଼ିତ ଦୁର୍ବୃତ୍ତ ଏପରି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ପଶ୍ଚିମବଙ୍ଗର ହାଓ୍ୱଡାର ପାଞ୍ଚଲାରେ ଜଣେ ମହିଳା ପ୍ରାର୍ଥୀଙ୍କୁ ନିର୍ଯାତନା ଦିଆଯିବା ସହିତ ଉଲଗ୍ନ କରି ବୁଲା ଯାଇଥିବାର ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ପୀଡ଼ିତା ଜଣକ ପଶ୍ଚିମବଙ୍ଗର ପଞ୍ଚାୟତ ନିର୍ବାଚନ ଲଢ଼ିଥିବା ଜଣେ ମହିଳା ପ୍ରାର୍ଥୀ ବୋଲି ଜଣାପଡ଼ିଛି। ଏହି ଘଟଣାପରେ ପୀଡ଼ିତା ଜଣକ କ୍ଷମତାସୀନ ତୃଣମୂଳ କଂଗ୍ରେସର କର୍ମୀଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ପତ୍ରରେ ସେ ୫ଜଣ ତୃଣମୂଳ ପ୍ରାର୍ଥୀଙ୍କ ନାମ ଉଲ୍ଲେଖ କରିଛନ୍ତି। ସେମାନେ ହେଲେ ହେମନ୍ତ ରାୟ, ନୁର ଆଲାମ, ଅଲଫି ଏସ.କେ, ରଣବୀର ପଞ୍ଚା ସଞ୍ଜୁ ଓ ସୁକମଲ ପଞ୍ଚା। ପୀଡ଼ିତାଙ୍କ ଅଭିଯୋଗକୁ ଆଧାରରେ ପାଞ୍ଚଲା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡ଼ିତ ମହିଳା କହିଛନ୍ତି, 'ମୋତେ ପ୍ରାୟ ୪୦-୫୦ ତୃଣମୂଳ କଂଗ୍ରେସକର୍ମୀ ଆକ୍ରମଣ କରିଥିଲେ। ମୁଣ୍ଡକୁ ଠେଙ୍ଗାରେ ପିଟିଥିଲେ। ମତଦାନ କେନ୍ଦ୍ରରୁ ତଡ଼ି ଦେଇଥିଲେ। ମୁଁ ଏପରି ନକରିବାରୁ ସେମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲି। କିନ୍ତୁ ସେମାନେ ମୋର ଗୋଟିଏ ବି କଥା ଶୁଣି ନଥିଲେ। ନିର୍ଯାତନା ପରେ ନିର୍ଯାତନା ଦେଇ ଚାଲିଥିଲେ। ମୋତେ ଶାରୀରିକ ନିର୍ଯାତନା ଦେବା ସହ ଦୁର୍ବ୍ୟବହାର କରିଥିଲେ। ଏଥିସହିତ ଉଲଗ୍ନ କରି ଗ୍ରାମରେ ବୁଲାଇଥିଲେ।' ଏହି ଘଟଣାଟି ରାଜ୍ୟରେ ପଞ୍ଚାୟତ ନିର୍ବାଚନ ସମୟରେ ଅର୍ଥାତ୍ ଜୁଲାଇ ୮ ତାରିଖରେ ଘଟିଥିବା କୁହାଯାଉଛି।

୨୭ ଯାଏଁ ବର୍ଷା ସମ୍ଭାବନା: ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ଏସଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର , ୨୧/୦୭ (ନି.ପ୍ର): ଲଘୁଚାପ ପ୍ରଭାବରେ ରାଜ୍ୟରେ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ପଶ୍ଚିମ ଓଡିଶାରେ ଦିନେ ଦୁଇ ଦିନ ବର୍ଷା ଲାଗି ରହିବା ପରେ ଉପକୂଳ ଓଡ଼ିଶାରେ ବର୍ଷା ହେବ। ଏ ନେଇ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ସତର୍କ କରିଛୁ। ଯାହା ଯାହା ପ୍ରସ୍ତୁତ କରିବା କଥା କରାଯାଇଛି ବୋଲି ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ । ସେ କହିଛନ୍ତି ଯେ ଜଳସମ୍ପଦ ବିଭାଗର ଗ୍ରାଉଣ୍ଡରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବେଦନଶୀଳ ଅଂଚଳ ଉପରେ ନଜର ରଖିବାକୁ କୁହାଯାଇଛି। ସେ ଆହୁରି କହିଛନ୍ତି ଯେ ଜିଲ୍ଲା ପ୍ରଶାସନମାନେ ପ୍ରସ୍ତୁତ ହୋଇ ଅଛନ୍ତି। ମାଲକାନଗିରି ଜିଲ୍ଲାପାଳଙ୍କ ସହିତ କଥା ହୋଇଛି । ସମସ୍ତେ ପ୍ରସ୍ତୁତ ହୋଇ ଅଛନ୍ତି । ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣାଧୀନ ରହିଛି । କୌଣସି ସ୍ଥାନରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ୭ରୁ ୮ ଜିଲ୍ଲାକୁ ଛାଡ଼ି ଦେଲେ ବାକି ସବୁ ଜିଲ୍ଲାରେ ଆବଶ୍ୟକତା ଅନୁସାରେ ସ୍ୱାଭାବିକ ବର୍ଷା ହୋଇଛି । ଚାଷ ପାଇଁ ଭଲ ବର୍ଷା ହୋଇଛି। ଆସନ୍ତା ୩ ରୁ ୪ ଦିନ ଭଲ ବର୍ଷା ହେଲେ ଚାଷ ଓ ଚାଷୀଙ୍କ ପାଇଁ ଅନୁକୂଳ ହେବ । ଚାଷ କାର୍ଯ୍ୟ ଠିକ ଭାବେ ଚାଲିଛି । ରାଜ୍ୟର ନଦୀ ଖାଲି ଥିଲା ।

ଭିଜିଲାନ୍ସ ଜାଲରେ ୨ ମହିଳା ଅଧିକାରୀ

ବଲାଙ୍ଗୀର/ବୌଦ୍ଧ, ୨୧/୦୭ (ନି.ପ୍ର): ମହିଳା ସଶକ୍ତୀକରଣକୁ ନେଇ ରାଜ୍ୟ ସରକାର ଡେଙ୍ଗୁରା ବଜାଉଥିବା ବେଳେ ଅଧିକାରୀମାନେ ଲାଞ୍ଚରେ ବୁଡ଼ି ରହୁଥିବା ଦୃଷ୍ଟିଗୋଚର ହେଉଛି। ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଶୁକ୍ରବାର ୨ ଜଣ ମହିଳା ଅଧିକାରୀଙ୍କୁ ଜାଲରେ ପକାଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ବଲାଙ୍ଗୀର ସମଗ୍ର ଶିକ୍ଷା ଅଭିଯାନର ଜେଣ୍ଡର କୋଡିନେଟର ପୁଷ୍ପାଙ୍ଗିନୀ ଯୋଶୀ। ଅନ୍ୟ ଅଧିକାରୀ ଜଣକ ହେଲେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଆଇଆଇସି ପୁଷ୍ପଲତା ରାଉତରାୟ। ସୂଚନା ଅନୁସାରେ ୟୁଟିଲାଇଜେସନ୍ ସାର୍ଟିଫିକେଟ୍ ଆଡ୍‌ଜେଷ୍ଟମେଣ୍ଟ ଓ କ୍ଲିଅରେନ୍ସ ସାର୍ଟିଫିକେଟ୍ ଇସ୍ୟୁ ପାଇଁ ସୋଲବନ୍ଧ ସ୍କୁଲର ପ୍ରଧାନ ଶିକ୍ଷକ ତଥା ପୂର୍ବତନ ହଷ୍ଟେଲ୍ ଇନ୍‌ଚାର୍ଜ ମିତ୍ରଭାନୁ ମାଝୀଙ୍କୁ ଶ୍ରୀମତୀ ଯୋଶୀ ୩୧ ହଜାର ଟଙ୍କା ଦାବି କରିଥିଲେ। ଏ ସଂପର୍କରେ ଶ୍ରୀ ମାଝିଙ୍କ ଅଭିଯୋଗକ୍ରମେ ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ କାର୍ଯ୍ୟାଳୟରେ କେସ ନମ୍ବର ୨୧ ଏକ ମାମଲା ରୁଜୁ ହୋଇଥିଲା। ପୂର୍ବ ପ୍ରସ୍ତୁତି ସହିତ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀ ମାନେ ଜେଣ୍ଡର କୋଡିନେଟର ▶▶ପୃଷ୍ଠା ୭

୧୭ ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

- ■ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ
- ■ କମ୍ପ୍ରିହେନସିଭ କ୍ୟାନସର ପ୍ଲାନ ପାଇଁ ୧୦୦୧.୧୪ କୋଟି ବଜେଟ୍ ଅନୁମୋଦନ
- ■ ମାର୍ଣ୍ଣାଘାଇ-ଜମ୍ବୁ ରାସ୍ତାର ହେବ ପ୍ରଶସ୍ତିକରଣ

ଭୁବନେଶ୍ୱର , ୨୧/୦୭ (ନି.ପ୍ର): ରାଜ୍ୟ କ୍ୟାବିନେଟ୍ ର ୬୨ତମ ବୈଠକ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ ବୈଠକରେ ୧୧ଟି ବିଭାଗର ମୋଟ ୧୭ ଟି ପ୍ରସ୍ତାବ ଗୁଡିକ ସ୍ୱୀକୃତି ଲାଭ କରିଛି। ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତି ସଂପର୍କରେ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅନ୍ୟ ସମସ୍ତ ୧୭ ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମିଶନ ଶକ୍ତି ମହିଳାମାନଙ୍କ ପାଇଁ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ମିଶନ ଶକ୍ତି ବିଭାଗର ଏହି ପ୍ରସ୍ତାବକୁ ମଂଜୁରି ମିଳିଛି । ଏହି ଯୋଜନାରେ ଯୋଗ୍ୟ। ସଦସ୍ୟାମାନଙ୍କୁ ସେମାନଙ୍କ ପସନ୍ଦ ମୁତାବକ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସମ୍ପୁର୍ଣ୍ଣ ସୁଧ ଫେରସ୍ତ ପାଇବେ। ବର୍ତମାନ ସିଆରପି-ସିଏମ୍, ଏମବିକେ, ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଜୀବିକା ସହାୟିକା, ଉଦ୍ୟୋଗୀ ମିତ୍ର, ବିସିଏ ୭୫ ହଜାର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ,

ସ୍ୱେଶାଲ ଓଜେଇଇ ରେଜଲ୍ଟ

ଭୁବନେଶ୍ୱର, ୨୧/୦୭ (ନି.ପ୍ର): ପ୍ରକାଶ ପାଇଛି ସ୍ୱେଶାଲ ଓଜେଇଇ ରେଜଲ୍ଟ । ଏହି ପରୀକ୍ଷାର ବିଟେକ୍‌ରେ ୮,୬୫୫ ଜଣଙ୍କୁ ରାଙ୍କ କାର୍ଡ ମିଳିଛି। ଲାଟେରାଲ ଏଂଟ୍ରି ଟେକ୍ନିକାଲ ଡପ୍ଲୋମାରେ ୪,୫୬୮ ଛାତ୍ରଛାତ୍ରୀ, ଲାଟେରାଲ ଏଂଟ୍ରି ଟେକ୍ନିକାଲ ବିଏସ୍‌ସିରେ ୬୪, ବି ଫାର୍ମାରେ ୨,୪୪୨, ଏମ୍‌ବିଏରେ ୪,୨୮୭, ଏମ୍‌ସିଏରେ ୧,୭୪୩ ଜଣଙ୍କୁ ରାଙ୍କ କାର୍ଡ ମିଳିଛି। ଛାତ୍ରଛାତ୍ରୀମାନେ // http://ojee.nic.in/odishajee.com ରୁ ରେଜଲ୍ଟ ଜାଣିପାରିବେ । ସୂଚନାଯୋଗ୍ୟ, ସ୍ୱେଶାଲ ଓଜେଇଇ ପରୀକ୍ଷା ଗତ ଜୁନ୍ ୨୬ରୁ ୨୯ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୋଟ ୩୩ଟି ସହରର ୪୭ଟି କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା।

ନିଯୁକ୍ତି ନଦେଲେ ସରକାର ଦେବେ ବେରୋଜଗାରୀ ଭତ୍ତା : ରାଜସ୍ଥାନ ବିଧାନସଭାରେ ବିଲ୍ ପାରିତ

ରାଜସ୍ଥାନ,୨୧/୦୭ : ରାଜସ୍ଥାନରେ ୧୮ ବର୍ଷ ପରେ ନିଯୁକ୍ତି ନଦେଲେ ସରକାର ଦେବେ ଭତ୍ତା। ସାଧାରଣ ନିର୍ବାଚନକୁ ଆଉ ଖୁବ୍ କମ୍‌ଦିନ ରହି ଯାଇଥିବା ବେଳେ ଗେହଲଟ ସରକାର ଏହି ଗୁରୁତ୍ୱପୂର୍ଣ୍ଣ 'ନ୍ୟୁନତମ ଆୟ ଗ୍ୟାରେଣ୍ଟି ବିଲ' ପାରିତ କରିଛନ୍ତି। ବେକାର ସମସ୍ୟା ହଟାଇବା ନେଇ ରାଜସ୍ଥାନ ବିଧାନସଭାରେ ଏହି ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଜି ମୋହର ବାଜିଛି। ଏହା ଜରିଆର ଯୁବ ବର୍ଗଙ୍କ ଲୋକପ୍ରିୟ ହେବାକୁ ଗେହଲଟ ସରକାର ଚେଷ୍ଟା କରିଛି। ୧୮ ବର୍ଷ ବୟସ ହେବାର ୧୫ ଦିନ ଭିତରେ ସରକାର କୌଣସି ବ୍ୟକ୍ତିକୁ ନିଯୁକ୍ତି ଦେଇ ନ ପାରିଲେ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ବେକାରି ଭତ୍ତା ଦେବେ। ଉଭୟ ଗ୍ରାମୀଣ ଓ ସହରରେ ରହୁଥିବା ଯୁବ ବର୍ଗର ଏହି ଯୋଜନାର ଫାଇଦା ଉଠାଇ ପାରିବେ। ସେମାନଙ୍କୁ ରୋଜଗାର ମିଳିବ। ଗୁରୁବାର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଥିଲେ ଯେ, ସମସ୍ତ ବ୍ୟକ୍ତିଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ। ତେଣୁ ବିଭିନ୍ନ ଯୋଜନା ଜରିଆରେ ରାଜ୍ୟ ସରକାର ଲୋକଙ୍କ ନିକଟରେ ବିଭିନ୍ନ ପ୍ରକାର ସାମାଜିକ ସୁରକ୍ଷା ପହଞ୍ଚାଉଛନ୍ତି। ନ୍ୟୁନତମ ଆୟ ଗ୍ୟାରେଣ୍ଟି ବିଲ ରାଜ୍ୟ ସରକାର ଆଉ ଏକ ମହତତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ପୂର୍ବରୁ ଗେହଲଟ ସର୍ବନିମ୍ନ ବେରୋଜଗାରି ଭତ୍ତା ପ୍ରଦାନ ଓ ପ୍ରତିବର୍ଷ ଏଥିରେ ୧୫ ପ୍ରତିଶତ ବୃଦ୍ଧି ହେବ ବୋଲି କହିଥିଲେ। ମହାତ୍ମା ଗାନ୍ଧୀ ନରେଗା ଯୋଜନା ଓ ଇନ୍ଦିରା ଗାନ୍ଧୀ ସହରୀ ରୋଜଗାର ଗ୍ୟାରେଣ୍ଟି ଯୋଜନା ଅନ୍ତର୍ଗତ ରାଜସ୍ଥାନରେ ୧୨୫ ଦିନର ରୋଜଗାର ସୁନିଶ୍ଚିତ କରାଯିବ ବୋଲି ଜଣାଇଥିଲେ। ସାମାଜିକ ସୁରକ୍ଷା ପେନସନ ରାଜସ୍ଥାନ ସରକାରଙ୍କ ପ୍ରମୁଖ ଅଙ୍ଗ ଓ ଏହା ଲୋକଙ୍କ ମାନ-ସମ୍ମାନର କଥା ବୋଲି ଗେହଲଟ କହିଥିଲେ। ତେବେ ଲୋକଙ୍କୁ କେତେ ଟଙ୍କା ସର୍ବନିମ୍ନ ବେରୋଜଗାରୀ ଭତ୍ତା ମିଳିବ ତାହା ସ୍ପଷ୍ଟ ହୋଇନି।

ଅଗଷ୍ଟ ୪ରେ ହେବ ରାହୁଲ୍ ଗାନ୍ଧୀଙ୍କ ଆବେଦନର ଶୁଣାଣି: ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ,୨୧/୦୭ : 'ମୋଦୀ ସାଙ୍ଗିଆ' ମାନହାନୀ ମାମଲାରେ ପାଇଥିବା ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କରିବା ଲାଗି ରାହୁଲ୍ ଗାନ୍ଧୀ କରିଥିବା ଆବେଦନର ଶୁଣାଣି ଅଗଷ୍ଟ ୪ ତାରିଖ ଦିନ କରାଯିବ ବୋଲି ଆଜି ସୁପ୍ରିମ୍ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାରେ ସୁପ୍ରିମ୍ କୋର୍ଟ ମାନହାନୀ ମାମଲାର ଅଭିଯୋଗକାରୀ ପୂର୍ଣ୍ଣେଶ ମୋଦୀଙ୍କୁ ବି ନୋଟିସ ଜାରି କରିଛନ୍ତି। କେବଳ ସେତିକି ନୁହେଁ, ଗୁଜରାଟ ସରକାର ଓ ଅନ୍ୟମାନଙ୍କୁ ମଧ୍ୟ ସୁପ୍ରିମ୍ କୋର୍ଟ ନୋଟିସ୍ ▶▶ପୃଷ୍ଠା ୭

ହୀରାକୁଦରୁ ଛଡ଼ାଯିବ ବନ୍ୟାଜଳ: ତଳିଆଅଞ୍ଚଳ ଲୋକଙ୍କୁ କରାଗଲା ସତର୍କ

ସମ୍ବଲପୁର, ୨୧/୦୭ (ନି.ପ୍ର): ରବିବାର ସକାଳ ୯ଟା ସମୟରେ ହୀରାକୁଦରୁ ଚଳିତବର୍ଷର ପ୍ରଥମ ବନ୍ୟା ଜଳ ଛଡ଼ାଯିବ। ଏତଦ୍ୱାରା ମହାନଦୀ ତାର ଶାଖା ନଦୀରେ ଜଳସ୍ତର ବୃଦ୍ଧି ପାଇବ। ଏହି ସମୟରେ ତଳମୁଣ୍ଡରେ ବସବାସ କରୁଥିବା ଲୋକେମାନେ ନଦୀ ମଧ୍ୟକୁ ଯାଆନ୍ତୁ ନାହିଁ। କୌଣସି ଦୁର୍ଘଟଣା

କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ମିଳିତ କନଭେନସନ୍

ଜୟପୁର, ୨୧/୦୭ (ନି.ପ୍ର): ଆଜି ଜୟପୁରସ୍ଥିତ ଟାଉନ୍ ହଲ୍ ଠାରେ ଏଆଇଟିୟୁସି, ଟିୟୁସିସି , ଏଆଇୟୁଟିୟୁସି ଓ ସିଟି କୋଅର୍ଡିନେସନ କମିଟି ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ସମାବେଶ ସଫଳ କରିବା ପାଇଁ ଏକ କନଭେନସନ୍ ଶ୍ରୀ ଯୁଧିଷ୍ଠିର ରାଉଳ, କାହ୍ନୁ ଚରଣ ବିଶ୍ୱାଳ ଓ ଶମ୍ଭୁ ମହାନ୍ତି ଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ପରିଚାଳନା ରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ଓ ମଣିପୁର ହିଂସା ଦଙ୍ଗା ରେ ମୃତ୍ୟୁ ବରଣ କରିଥିବା ଶ୍ରମଜୀବୀ ମଣିଷ ମାନଙ୍କ ସ୍ମୃତି ରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ ଜାନୁଆରୀ -୩୦ ଦିଲ୍ଲୀ କନଭେନସନ୍ ର ଡାକରା ଅନୁଯାୟୀ ଶ୍ରମିକ ମାନଙ୍କ ନିଶ୍ଚିତ ମୈ।ଳିକ ଅଧିକାର ସୁରକ୍ଷା ପାଇଁ ମିଳିତ ଆନ୍ଦୋଳନ ଅଭିଯାନ ଚାଲିଛି ଏବଂ ସେହି ପରୀପ୍ରେକ୍ଷୀରେ ଆସନ୍ତା ଅଗଷ୍ଟ -୯ ଐତିହାସିକ କ୍ରାନ୍ତି ଦିବସରେ ଦେଶର ରାଜଧାନୀ ଓ ଜିଲ୍ଲା ମୁଖ୍ୟାଳୟ ମାନଙ୍କ ରେ ଶ୍ରମଜୀବୀ ମଣିଷ ମାନଙ୍କ ର ବିଶାଳ ଧାରଣା ସମାବେଶ ଅନୁଷ୍ଠିତ ହେବ । ତାର ପ୍ରସ୍ତୁତି ପାଇଁ ସବୁ ଜିଲ୍ଲା ରେ ମିଳିତ କନଭେନସନ୍ ଅନୁଷ୍ଠିତ ହେଉଛି । ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା ବକ୍ତବ୍ୟ ରଖି କହିଥିଲେ ଯେ ୨୦୧୪ ଆଗରୁ ଆଚ୍ଛେଦିନ ର ସ୍ୱପ୍ନ ଦେଖେଇ ମୋଦୀ ସରକାର କେନ୍ଦ୍ର ରେ ଆସିବା ପରେ ଶ୍ରମିକ ମାନଙ୍କ ଦୁର୍ଦ୍ଦଶା କେବଳ ଯେ ବଢ଼ିଛି ତା ନୁହେଁ ବରଂ ଅଧିକ ଆକ୍ରମଣାତ୍ମକ ଶୋଷଣ ଚାଲିଛି । ବେକାରୀ ସମସ୍ୟା ସର୍ବାଧିକ ବଢ଼ିଛି , ବେରୋଜଗାରୀ ଉତ୍କଟ ହୋଇଛି, ଦରଦାମ୍ ବୃଦ୍ଧି ହୋଇଛି ଅନ୍ୟ ଦିଗରେ ଶ୍ରମିକଙ୍କ ଆୟ କମିଛି । କତିପୟ ପୁଞ୍ଜିପତି ଙ୍କ ଆଚ୍ଛେଦିନ ଆସିଛି । ସାଧାରଣ ମଣିଷ ଖାଦ୍ୟ ବସ୍ତ୍ର ଶିକ୍ଷା ସ୍ୱାସ୍ଥ୍ୟ ର ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହେଉଛି । ଏସବୁରୁ ଧ୍ୟାନ ହଟେଇବା ପାଇଁ ଧର୍ମ ସମ୍ପ୍ରଦାୟ ମଧ୍ୟରେ ବିଭେଦ ସୃଷ୍ଟି କରି ଦେଶକୁ ବିଷମ ପରିସ୍ଥିତିକୁ ଠେଲି ଦେଇଛି । ସମସ୍ତ ସରକାରୀ ଉଦ୍ୟୋଗ କୁ ଘରୋଇ କମ୍ପାନୀକୁ ଶାଗ ମାଛ ଦରରେ ବିକ୍ରୀ ଚାଲିଛି । ବିରୋଧ ଯିଏ କଲା ତାକୁ ଦେଶଦ୍ରୋହୀ ଆକ୍ଷା ଦିଆଯାଉଛି, ଇ ଡି , ସିବିଆଇ କୁ ଲଗେଇ ଦିଆଯାଉଛି । ଦୀର୍ଘ ଲଢେଇ ଫଳରେ ଅର୍ଜିତ ଶ୍ରମ ଆଇନକୁ ସମାପ୍ତ କରି ଚାରୋଟି କୋଡ୍ କରିଛି ମୋଦୀ ସରକାର । ସମସ୍ତ ଙ୍କୁ କାମ , ଉଚିତ୍ ମଜୁରୀ ଓ ପେନସନ ପାଇଁ ଓ ଦେଶକୁ ସଙ୍କଟରୁ ରକ୍ଷା କରିବା ପାଇଁ ଆସନ୍ତା ଅଗଷ୍ଟ ୦୯ ଭାରତ ଛାଡ ଆନ୍ଦୋଳନ ମହାତ୍ମା ଗାନ୍ଧୀ ଡାକରା ଦେଇଥିଲେ , ଆଜି ଆବଶ୍ୟକ ହୋଇପଡିଛି ମୋଦୀ ସରକାର ଗାଦୀ ଛାଡ ଆନ୍ଦୋଳନ ଜୋରଦାର କରିବା ପାଇଁ । ବିଭିନ୍ନ ସଂଗଠନର ବକ୍ତା ମାନେ କହିଥିଲେ ଯେ ଆଶା ଅଙ୍ଗନବାଡ଼ି ପାଚିକା , ସ୍ୱାସ୍ଥ୍ୟ କର୍ମୀ , ସିଆରସି , ଏବଂ ଯେତେ ସରକାରୀ ସଂସ୍ଥା ରେ କାମ କରୁଛନ୍ତି ସେମାନଙ୍କୁ ଶ୍ରମିକ ମାନ୍ୟତା ଦେଇ ମଜୁରି ଦିଆଯାଉ , ଇପିଏସ୍ ପେନସନ ସର୍ବନିମ୍ନ ୯୦୦୦/ ଟଙ୍କା ମାସିକ କରାଯାଉ , ମଣିପୁର ହିଂସା ଦଙ୍ଗା ର ଅଢେଇ ମାସ ପରେ ମଧ୍ୟ ଏ ଦେଶର ପ୍ରଧାନମନ୍ତ୍ରୀ ଚୁପ୍ ରହିବା ଓ ବିଭିନ୍ନ ଦେଶ ବୁଲି କେବଳ ଆଦାନୀ ଅମ୍ବାନୀ ଭଳି ପୁଞ୍ଜିପତି ଙ୍କ ସ୍ୱାର୍ଥ ସାଧନ କରିବା ରେ ଲିପ୍ତ । ଏଣୁ ଅଗଷ୍ଟ କ୍ରାନ୍ତି ଦିବସ ଦିନ ଶ୍ରମଜୀବୀ ମଣିଷଙ୍କ ସମାବେଶ କୁ ସଫଳ କରିବା ପାଇଁ ସମସ୍ତେ ମିଳିତ ହୋଇ ଅଭିଯାନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ସଭାରେ ପ୍ରମୋଦ କୁମାର ମହାନ୍ତି ଆଗତ କରିଥିବା ଦୁଇଟି ପ୍ରସ୍ତାବ ଗ୍ରହଣ କରାଯାଇଛି , ପ୍ରଥମଟି ହେଲା ମଣିପୁର ରେ ଦୁଇ ଯୁବତୀଙ୍କୁ ଉଲଗ୍ନ କରି ମାଡ ମାରି ଭିଡିଓ ଜାରି ହୋଇଥିବା ଦୃଶ୍ୟ ମର୍ମାହତ କରିଛି , ମଣିପୁର ଓ ଶ୍ରମଜୀବୀ ମଣିଷର ରକ୍ଷା ପାଇଁ ପ୍ରତ୍ୟେକ ମଣିଷ ସ୍ୱର ଉତୋଳନ କରନ୍ତୁ ଏବଂ ଦ୍ୱିତୀୟ ରେ ଜୟପୁର ଠାରେ ଥିବା ସେବା କାଗଜ କଳ କୁ ୨୦୨୦ ରୁ ଗୋଟିଏ ଅନାମଧେୟ କମ୍ପାନୀ କୁ ଚାଲବାଜି କରି ବିକ୍ରି କଲା ପରେ ୧୫୦ କୋଟି ଟଙ୍କା ଋଣ ଉଠେଇ କମ୍ପାନୀ ଓ ଶ୍ରମିକ ମାନଙ୍କ ସ୍ୱର୍ଥର ଅଣଦେଖା କରି ଆତ୍ମସାତ କରିବା ଫଳରେ ଆଜି କମ୍ପାନୀ ଅଧିକାଂଶ ଦିନ ବନ୍ଦ ରହୁଛି , ଶ୍ରମିକ ଓ ଅବସରପ୍ରାପ୍ତ ଶ୍ରମିକ ତଥା ମୃତ ଶ୍ରମିକଙ୍କୁ ଯେଭଳି ପ୍ରଶାସନ ସହାୟତାରେ ମ୍ୟାନେଜମେଂଟ ଶୋଷଣ କରୁଛି ତାବିରୁଦ୍ଧ ରେ ରାଜ୍ୟ ଶ୍ରମ କମିଶନର ଙ୍କ ଅଫିସ୍ ଆଗରେ ଆସନ୍ତା ବିଧାନସଭା ଅଧିବେଶନ ବେଳେ ଧାରଣା ବିକ୍ଷୋଭ ସଂଗଠିତ କରିବା ପାଇଁ ନିଷ୍ପତି ନିଆଯାଇଛି । ଆଜିର ସଭାରେ ସୁବାଷ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟ ବିଷୋୟୀ,ଶମ୍ଭୁ ମହାନ୍ତି, ନଳିନୀ ରଥ, ସନ୍ତୋଷ କୁମାର ପାତ୍ର, କାହ୍ନୁ ବିଶ୍ୱାଳ , ଉତମ ମଲ୍ଲିକ, ଯୁଧିଷ୍ଠିର ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

କେନ୍ଦୁଝରରେ ବିଷାକ୍ତ ମଦ ନେଉଛି ଜୀବନ: କୋଡିଏରୁ ଉର୍ଦ୍ଧ୍ୱଙ୍କର ଗଲାଣି ଜୀବନ

କେନ୍ଦୁଝର, ୨୧/୦୭ (ନି.ପ୍ର): କେନ୍ଦୁଝର ରେ ବିଷାକ୍ତ ମଦ ନେବାରେ ଲାଗିଛି ଲୋକଙ୍କର ଜୀବନ । ଇତି ମଧ୍ୟରେ ବିଷାକ୍ତ ମଦ୍ୟପାନ କରି ୨୦ରୁ ଉର୍ଦ୍ଧ ପୁରୁଷ ଓ ମହିଳା ଙ୍କର ଜୀବନ ଗଲାଣି । ରାଜସ୍ୱ ପାଇବା ଲୋଭରେ ସରକାର ଗାଁ ଗାଁରେ ମଦ ଦୋକାନ ଖୋଲି ଦେଇଛନ୍ତି । ଫଳରେ ଏହି ମଦ ଭାଟି ଲୋକଙ୍କ ପାଇଁ ଅଭିଶାପ ପାଲଟିଅଛି ଏବଂ ଅପମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି । କମ୍ ବୟସ ଠାରୁ ବୃଦ୍ଧ ବୃଦ୍ଧା ଆଦି ବିଭିନ୍ନ ବର୍ଗର ଲୋକଙ୍କୁ ଘାରିଛି ଅଳ୍ପ ପାଇସାରେ ଦେଶୀ ମଦ ନିଶାର ଲୋଭ । ସେହି ମଦ ପିଇ ଅକାଳରେ ପରିବାର ଲୋକ ମୃତ୍ୟୁ ବରଣ କରୁଥିବା ବେଳେ ଛାର ଖାର ହୋଇ ଯାଉଛି ପରିବାର । କେନ୍ଦୁଝର ରେ ଏଭଳି ଏକ ଗାଁ ଅଛି ଯେଉଁ ଗାଁ ରେ ଦେଖିବାକୁ ମିଳିଛି ଏହି ଶସ୍ତା ମହୁଲି ମଦ ର କରୁଣ ବିଭିଷୀକା । କେନ୍ଦୁଝର ସଦର ବ୍ଲକର ଶଙ୍କରପୁର ଗାଁ । ଏହି ଗାଁର ମୁଣ୍ଡା ସାହୀ ମଝିରେ ରହିଛି ଏକ ଦେଶୀ ମହୁଲି ମଦ ଭାଟି । ଏହି ଦେଶୀ ମଦ ଭାଟିଟି ଗାଁର ଗୋଟିଏ ପରେ ଗୋଟିଏ ଜୀବନ ନେଇ ଚାଲିଛି । ଜଣେ ନୁହେଁ କି ଦୁଇ ଜଣ ନୁହଁ ଶଙ୍କରପୁର ମୁଣ୍ଡା ସାହୀରେ ପ୍ରାୟ ୨୦ ରୁ ଉର୍ଦ୍ଧ ପୁରୁଷ ମହିଳା ଙ୍କ ଅକାଳ ମୃତ୍ୟର କାରଣ ହୋଇଛି ଗାଁର ଏହି ଦେଶୀ ମହୁଲି ମଦ ଭାଟି ବୋଲି ଅଭିଯୋଗ କରିଛନ୍ତି ଗାଁର ଲୋକମାନେ । ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ସ୍ୱରୂପ ମୁଣ୍ଡାଙ୍କ କଥାକୁ ବିଚାରକୁ ନିଆଯାଉ । ପୂଜାଙ୍କ କହିବାନୁସାାରେ ତାଙ୍କ ସ୍ୱାମୀଙ୍କ ବୟସ ମାତ୍ର ୨୫ ବର୍ଷ । କିନ୍ତୁ ତିନିବର୍ଷ ତଳୁ ସେ ବିଧବା ହୋଇ ସାରିଲେଣି । ଅର୍ଥାତ ତିନିବର୍ଷ ତଳୁ ତାଙ୍କ ସ୍ୱାମୀ ରମିନ ମୁଣ୍ଡା ଙ୍କର ଅକାଳ ମୃତ୍ୟୁ ହୋଇଥିଲା । ସବୁଠାରୁ ବଡ କଥା ହେଉଛି ସ୍ୱାମୀ ଥିବା ବେଳେ ସେ କାମଧନ୍ଦା କରି ପରିବାର ଚଳାଉଥିଲେ । କିନ୍ତୁ ଏବେ ବିଧବା ପୂଜା ନିଜ କଥା ବୁଝିବା ମୁସ୍କିଲ । ବିଧବା ଭତା କିମ୍ବା କୌଣସି ସରକାରୀ ନଥିବାରୁ ବିଲ ବାଡିରେ କାମ କରି ଚଳୁଛନ୍ତି ପୂଜା । କୌଣସି ଦିନ କାମ ନପାଇଲେ ଭୋକ ଉପବାସରେ ରହିବାକୁ ବାଧ ହେଉଛନ୍ତି । ଅନୁରୂପ ଭାବେ ମୀନା ମହାନ୍ତଙ୍କ ସ୍ୱାମୀ ବିରେନ୍ଦ୍ର ମହାନ୍ତ ଗାଁର ସେହି ମଦ ଭାଟିରେ ମଦ ରାନ୍ଧିବା କାମ କରୁଥିଲେ । ଏବଂ ଦିନ ରାତି ସବୁବେଳେ ନଖାଇ ନପିଇ ସେହି ଭାଟିରୁ ମଦ ପିଇ ରହୁଥିଲେ । ମଦ ମାଲିକ ମଧ୍ୟ ନିଶା ଅଧିକ କରିବା ପାଇଁ ପ୍ରସ୍ତୁତ କରୁଥିବା ମଦରେ ଅଧିକ ମଳିକା ଓ ନିଶା ବଟିକା ଭଳି ବିଷାକ୍ତ ଦ୍ରବ୍ୟ ମିଶାଇ ଥାଆନ୍ତି । ଫଳରେ ସେହି ବିଷାକ୍ତ ମଦ ପାନକରି ଲୋକେ ମରୁଛନ୍ତି । ଏଭଳି ଏହି ଗାଁରେ ମଦ ମୃତ୍ୟୁର ରହିଛି ଅନେକ ଦୁଖଃଦ କାହାଣୀ ।

ଲଘୁଚାପ ବର୍ଷା ପରେ ଆରମ୍ଭ ହେଲା ଧାନ ରୁଆ

କୋରେଇ, ୨୧/୦୭ (ନି.ପ୍ର): ମୌସୁମୀ ବର୍ଷାର ଅନିୟମିତା ଯୋଗୁ ଚାଷ କାର୍ଯ୍ୟ ବିଳମ୍ବ ହୋଇଛି । ଯେଉଁ ପରିମାଣରେ ବର୍ଷା ହେବା କଥା ତାହା ନହୋଇ ନିଝଟିଆ ବର୍ଷା ହୋଇଛି । ଫଳରେ ବିଳମ୍ବିତ ସମୟରେ ଚାଷ ଆରମ୍ଭ ହୋଇଛି । ଯେଉଁମାନେ ମୌସୁମୀ ବର୍ଷାକୁ ଅପେକ୍ଷା ନକରି ପାଣିମଡାଇ ଧାନ ତଳି ପକାଇଥିଲେ ସେମାନେ ତଳି ରୁଆ କାମ ଆରମ୍ଭ କରିଛନ୍ତି ।ଲଘୁଚାପ ବର୍ଷା ହେବା ଫଳରେ ସେମାନେ କାଦୁଅ କରି ବିଲ କାର୍ଯ୍ୟ ଆରମ୍ଭ ହୋଇଛି । ଅତ୍ୟାବଧିକୌଣସି ଦିନ ଲଗାଣ ବର୍ଷା ହୋଇନି । ତଥାପି ଲଘୁଚାପ ବର୍ଷା ବା ଅସରାଏ ବର୍ଷା ଚାଷ ଜମିରେ ଜମୁଥିବା ପାଣିକୁ ଚାଷିହାତଛଡା କରିନି । ଯେଉଁଠି ପାଣି ରହୁଛି ସେଠାରେ କାର୍ଯ୍ୟ ଆରମ୍ଭ କରାଯାଉଛି । ସବୁ ବିଲ ପାଣିହେବ କାମ ହେବ ତାକୁ ଆଉ ଚାଷୀ ନଜର ଦେଉନିଫଳରେ ମନ୍ଥର ଗତିରେ କାର୍ଯ୍ୟ ଚାଲୁ ରହିଛି ।

ବ୍ରାହ୍ମଣୀ ନଦୀ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ

ଭିତି ପ୍ରସ୍ତରର ୩ ବର୍ଷ ପରେ ପୁନଃରୁଦ୍ଧାର ହୋଇପାରୁନାହିଁ

ଧର୍ମଶାଳା, ୨୧/୦୭ (ନି.ପ୍ର): ଯାଜପୁର ଜିଲା ବରୀ ଉପଖଣ୍ଡ ଜାରକା ଜଳସମ୍ପଦ ବିଭାଜନ ଅଧିନରେ ଥିବା ବ୍ରାହ୍ମଣୀ ନଦୀ ବନ୍ଧା ମୁଖ୍ୟ ରାସ୍ତା ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ସାମାନ୍ୟ ବର୍ଷ ହେଲେ ଏହି ନଦୀ ବନ୍ଧ ଉପରେ ଯାତାୟତ କରୁଥିବା ଜନସାଧାରଣ ବିପଦର ସମ୍ମୁଖୀନ ହେଉଛନ୍ତି । ହେଲେ ଏହି ବନ୍ଧ ମରାମତି କାର୍ଯ୍ୟ କେବେ ସରିବ ତାହା ଏବେ ସ୍ଥାନୀୟ ଅଂଚଳବାସୀ ସନ୍ଦେହ ଘେରରେ ରହିଛନ୍ତି । ନଦୀ ବନ୍ଧ ପୁନଃରୁଦ୍ଧାର ନାଁରେ ଲକ୍ଷଲକ୍ଷ ଟଙ୍କା ଚଳୁ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଜନସେଚନ ବିଭାଜନ ଓ ଠିକାଦାରଙ୍କ ମଧ୍ୟରେ ରହିଥିବା ମୁଧୁଚନ୍ଦ୍ରୀକା ଜଳଜଳ ହୋଇ ଦିଶୁଛି । ଅଭିଯୋଗ ମୁତାବକ,ବରୀ ଉପଖଣ୍ଡ ଜନ ସମ୍ପଦ ବିଭାଗ ଜାରକା ବିଭାଜନ ଅଧିନରେ ଥିବା ବ୍ରହ୍ମଣୀ ନଦୀ ବନ୍ଧ ଅବସ୍ଥା ଶୋଚନୀୟ ହୋଇପଡିଥିଲା । ଗଲା କିଛି ଦିନ ପୂର୍ବ ବ୍ରହ୍ମବରଦାଠାରୁ ରୁଦ୍ରପୁର ପର୍ଯ୍ୟନ୍ତ ଯାଇଥିବା ଏହି ନଦୀ ବନ୍ଧରେ ୩ଟି ସ୍ଥାନରେ ଘାଇ ହେବା ସହ ଅନେକ ସ୍ଥାରେ ଘଳିଆ ପଡିଥିଲା । ବନ୍ୟା ହେବା ପରେ ସ୍ଥାନୀୟ ୧୦ ଗୋଟି ପଂଚାୟତର ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ପରେ ଏହି ନଦୀ ବନ୍ଧର ପୁନଃରୁଦ୍ଧାର ନିମନ୍ତେ ନାବାର୍ଡ ସହାୟତାରେ ବ୍ରହ୍ମବରଦାଠାରୁ ରୁଦ୍ରପୁର ପର୍ଯ୍ୟନ୍ତ କାର୍ଯ୍ୟାଦେଶ ଦିଆଯାଇଥିଲା । ୨୧।୧।୨୦୨୧ ମସିହାରେ ପୁନଃରୁଦ୍ଧାର ପାଇଁ ଭିତିପ୍ରସ୍ତର ହୋଇଥିଲା । ହେଲେ ପାଖାପାଖି ୩ ବର୍ଷ ଅତିକ୍ରମ କରିବାକୁ ବସିଥିଲେ ମଧ୍ୟ ଏହି ନଦୀ ଅବସ୍ଥାରେ ସୁଧାର ଆସିପାରିନାହିଁ । ଏଠାରେ ଠିକାଦାର ନିଜ ଇଚ୍ଛାମୁତାବକ ର ମ ଠରେ କାର୍ଯ୍ୟ କରୁଥିବା ବେଳେ ଏଠାରେ କାର୍ଯ୍ୟ ଆଗେଇ ପାରୁ ନାହିଁ । ଏପରିକି କାର୍ଯ୍ୟାଦେଶର ସୂଚନା ଫଳକ ନ ଥିବାରୁ ଏହାର ଅବଧି ସମୟ ଲୋକେ ଜାଣିପାରୁ ନାହାନ୍ତି । କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିବା ନେଇ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟୁଚନ୍ଦ୍ରୀକା ରହିଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ନଦୀ ବନ୍ଧ ରାସ୍ତା ଦେଇ ବ୍ରହ୍ମବରଦା ସମେତ ସାହାପଡା,ବନ୍ଧଡିହ ଓ ରୁଦ୍ରପୁର ଅଂଚଳର ଜନସାଧାଣଙ୍କ ଏହା ହେଉଛି ମୁଖ୍ୟ ରାସ୍ତା । ଏବେ ରାସ୍ତା ଉପରେ ବର୍ଷା ଜଳ ଜମି ରହିବା ପରେ ବାଇକ ଚାଲକ,ସାଇକେଲ ଚାଳକ ଓ ଚାରି ଚକିଆ ଯାନ ଯିବା ସମୟରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ରାସ୍ତାରେ ଯିବା ଫଳରେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏନେଇ ସ୍ଥାନୀ ଲୋକେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ । ଜିଲା ପ୍ରଶାସନ ଏହି ନଦୀ ବନ୍ଧ ରାସ୍ତା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ସ୍ଥାୟୀ ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

ଆନନ୍ଦ ଜେନା କମିଟି ପକ୍ଷରୁ ଭଲିବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): ୨୧ ବର୍ଷ ବୟସରୁ କମ ଆନ୍ତର୍ଜାତୀୟ ଭଲିବଲ ଖେଳାଳୀ କେନ୍ଦ୍ରାପଡ଼ା ମାଟିର ପୁଅ ଭଲିବଲ ଖେଳାଳି ମହମ୍ମଦ ରଜା ବାହାରିନ ଠାରେ ଭାରତ ପକ୍ଷରୁ ଖେଳି ଫେରିବା ପରେ ତାଙ୍କୁ ଅନନ୍ଦ ଜେନା ସ୍ମୃତିକମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନା ସଭାର ସଭାପତି ରମଣୀ ରଂଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଓକିଲ ସଂଗର ସଭାପତି ବିଚିତ୍ରାନନ୍ଦ ମହାନ୍ତି, ସଂଜୟ କୁମାର ଜେନା, ସତ୍ୟବ୍ରତ ସିଂ, କାଉନସିଲର ସେକ ଅସଲମ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ରଜାଙ୍କ କୃତୀତ୍ୱ ପ୍ରତି ସମର୍ଥନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଓକିଲ ସଂଘ ସଭାପତି ଶ୍ରୀ ମହାନ୍ତି ରଜାଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ବହୁ ଆଇନଜିବୀ, ସମାଜସେବୀ ଉପସ୍ଥିତ ଥିଲେ । ଶେଷରେ ଧିରେନ୍ଦ୍ର ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

୭ ଲିଟର ଦେଶୀ ମଦ ଜବତ: ଅଭିଯୁକ୍ତ ଗିରଫ

କୋରେଇ, ୨୧/୦୭ (ନି.ପ୍ର): ପାଣିକୋଇଲି ଥାନା ଅଧୀନସ୍ଥ ଶଙ୍ଖଚିଲା ଫାଣ୍ଡି ପୁଲିସ ୭ ଲିଟର ଦେଶୀ ମଦ ସହ ବେପାରୀକୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ପରେ ଆଜି ଅଭିଯୁକ୍ତକୁ ଏକ ମାମଲା ରୁକୁ କରି ଅଦାଲତ ଚାଲାଣ କରାଯାଇଛି । ପ୍ରକାଶଯେ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଗ୍ରାମରେ ଦେଶୀ ମଦ ବେଆଇନ ବିକ୍ରିର ଖବର ପୁଲିସ ପାଇଥିଲା । ବୁଧବାର ରାତ୍ରୀରେ ଫାଣ୍ଡି ପକ୍ଷରୁ ସଦଳବଳେ ଚଢାଉ କରାଯାଇଥିଲା । ଚଢାଉ ସମୟରେ ତଣ୍ଡରା ଗ୍ରାମର ମଦନ ମୋହନ ଦାସଙ୍କ ପୁଅ ଉତମ କୁମାର ଦାସ(୪୮)କୁ ସନ୍ଦେହ ଜନକ ଭାବେ ଧରିବାରୁ ତା ନିକଟରୁ ୭ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଥିଲା । ଏନେଇ ଏକ ମାମଲା ୧୮୭/୨୨ ରୁକୁ କରାଯାଇ ଦଫା ୫୨ (ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଅଦାଲତ ଚାଲାଣ କରାଯାଇଛି ।

ଭୁବନରେ ହନୁ ମାଙ୍କଡଙ୍କ ଉତ୍ପାତ

ଭୁବନ, ୨୧/୦୭ (ନି.ପ୍ର): ଭୁବନ ଅଂଚଳରେ ଗତ କିଛି ଦିନ ହେଲା ଜଙ୍ଗଲି ହନୁ ମାଙ୍କଡଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ଦଳରେ ପ୍ରାୟ ୧୫ ଟି ହନୁ ମାଙ୍କଡ ଜଙ୍ଗଲରୁ ପଳାଇ ଆସି ଭୁବନ ବସଷ୍ଟାଣ୍ଡ, ପରିବା ମାର୍କେଟରେ ଉତ୍ପାତ କରୁଛନ୍ତି । ପଥଚାରୀ, ବାଇକ ଆରୋହୀ ମାନଙ୍କର ବିଶେଷ ଭାବେ କ୍ଷୟକ୍ଷତି ହେଉଛି ।

ଲାଲ ସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ସିଆରସିସିଙ୍କୁ ତାଲା

ଜୟପୁର, ୨୧/୦୭ (ନି.ପ୍ର): ଜୟପୁର ପୌରାଂଚଳରେ ଥିବା ଲାଲ ସାହୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ପଡିଲା ତାଲା । ଏମିତିକି ସିଆରସିସି ସଂଯୁକ୍ତା ରାଉତ ଙ୍କୁ ମଧ୍ୟ ତାଲା ପକାଇଯାଇଥିଲା । ଏହି ବିଦ୍ୟାଳୟରେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏ ପାଢ ପଢାଯାଉଛି । ବିଦ୍ୟାଳୟରେ ୫୦ରୁ ୬୦ ଛାତ୍ର ଛାତ୍ରୀ ଅଛନ୍ତି । ବିଦ୍ୟାଳୟରେ ଗୋଟିଏ ଶିକ୍ଷୟତ୍ରୀ ଅଛନ୍ତି । ଉକ୍ତ ଶିକ୍ଷୟତ୍ରୀ ଜଣକ ସମସ୍ତ ଜାବତୀୟ କାଯ୍ୟ କରିବା ସହ ପାଠ ପଢାଉଛନ୍ତି । ଏକ ମାତ୍ର ଶିକ୍ଷୟତ୍ରୀ ପ୍ରଥମରୁ ପଂଚମ ଶ୍ରେଣି ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ମାନଙ୍କୁ କିପରି ପାଠ ପଢାଯାଉଛି ତାହା ସହଜେ ଅନୁମେୟ । ଏହା ଶହ ଶିକ୍ଷା ବିଭାଗର କୌଣସି ବୈଠକ ପାଇ ଗଲେ ଶିକ୍ଷୟତ୍ରୀ ଜଣକ ବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କୁ ସାହି ବାସିନ୍ଦାଙ୍କୁ ଜିମା ଦେଇ ବୈଠକରେ ଯୋଗ ଦେବାକୁ ଯାଉଛନ୍ତି । ଜଣେ ମାତ୍ର ଶିକ୍ଷୟତ୍ରୀ ଏପରି ବ୍ୟସ୍ତ ରହୁଥିବା ବେଳେ କୋମଳ ମତି ଛାତ୍ର ଛାତ୍ରୀଙ୍କ ପାଠ ପଢାରୁ ବଂଚିତ ହେଉଛନ୍ତି । ଏନେଇ ସାହି ବାସିନ୍ଦା ତରଫରୁ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ଓ କୋରାପୁଟ ସ୍ଥିତ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ଲିଖିତ ଜଣାଇ ସହ ତାଲା ପକାଇବା ପାଇ ଚେତାବାନି ମଧ୍ୟ ଦେଇଥିଲେ । ପରେ ମଧ୍ୟ କିଛି ପଦକ୍ଷେପ ନନେବାରୁ ସାହି ବାସିନ୍ଦା ଆଜି ତାଲା ପକାଇଥିଲେ । ଏବିଓ ସବେଶ୍ୱର ପଟ୍ଟନାୟକ ଆସି ବୁଝା ସୁଝା କରିଥିଲେ ମଧ୍ୟ ସାହି ବାସିନ୍ଦା

ଫୋନ ଦ୍ୱାରା ଜଳିବ ମହମବତୀ !

ମାର୍କିନ କମ୍ପାନୀ ଲ୍ୟୁଡେଲା ପକ୍ଷରୁ ଏଭଳି ମହମବତୀ ବିକଶିତ କରାଯାଇଛି, ଯାହାକୁ ସ୍ମାର୍ଟଫୋନ ଦ୍ୱାରା ଜଳା ଓ ଲିଭା ଯାଇପାରିବ। ମହମବତୀର ପ୍ରତିଟି କାର୍ଯ୍ୟ ସ୍ମାର୍ଟଫୋନ ଦ୍ୱାରା ହିଁ ନିୟନ୍ତ୍ରିତ ହେବ। ଦିଆଶିଲି ଦରକାର ହେବନାହିଁକି ଫୁଙ୍କିବାକୁ ପଡ଼ିବ ନାହିଁ। ଏହି ମହମବତୀ ସଂପୂର୍ଣ୍ଣ ନିରାପଦ। ଏହା ତରଳି ଏଠିସେଠି ମହମ ଜମାହେବ ନାହିଁ। ଏଥରୁ ଅସ୍ୱାସ୍ଥ୍ୟକର ଧୂମ ବାହାରିବ ନାହିଁ। ହଠାତ୍ ଦଲକାଏ ପବନ ମଧ୍ୟ ଏହାକୁ ଲିଭାଇପାରିବ ନାହିଁ। ମହମବତି କ୍ରମାଗତ ଭାବେ ତିରିଶ ଘଣ୍ଟା ଜଳିପାରିବ। ମହମ ସରିଗଲେ ଭର୍ତ୍ତି କରାଯାଇପାରିବ। ଏତେ ସୁବିଧା ଥିବା ମହମବତୀର ମୂଲ୍ୟ ଭାରତୟ ମୁଦ୍ରାରେ ପ୍ରାୟ ୬୫୦୦ଟଙ୍କା। ୱାଇ-ଫାୟାର ବୈଷୟିକ ଜ୍ଞାନ-କୌଶଳ ଦ୍ୱାରା ମହମବତୀ ଓ ସ୍ମାର୍ଟଫୋନ ବିକଶିତ।

ଆପଣ ଜାଣନ୍ତି କି ?

- ସିଙ୍ଗାପୁରରେ ଚୁଇଂଗମ କିଣାବିକା ଆଇନ ବିରୋଧୀ ଅଟେ।
- ଭିନେଗାରରେ ମୋତି ମିଳେଇଯାଏ।
- ପ୍ରଖ୍ୟାତ ଚିତ୍ରକର ଲିଓନାଡ଼ୋ ଦା ଭିନସ ତାଙ୍କର ପ୍ରସିଦ୍ଧ ଚିତ୍ର 'ମୋନାଲିସା'ରେ ତାରିଖ ଓ ଦସ୍ତଖତ ଦେଇ ନଥିଲେ।
- ଯେଉଁ ମାସର ପ୍ରଥମ ଦିନଟି ରବିବାରରୁ ଆରମ୍ଭ ହୋଇଥାଏ, ସେହି ମାସର ୧୩ ତାରିଖଟି ଶୁକ୍ରବାର ହୋଇଥାଏ।
- କ୍ୟାଲେଣ୍ଡର ପ୍ରତି ୪ଶହ ବର୍ଷ ପରେ ପୁନର୍ବାର ହୁଏ।
- ଲିଓନାଡ଼ୋ ଦା ଭିନସ କଇଁଚିର ଉଭାବନ କରିଛନ୍ତି। 'ମୋନାଲିସା' ଚିତ୍ରରେ ମୋନାଲିସାରେ ଓଠ ଆଙ୍କିବା ପାଇଁ ତାଙ୍କୁ ୧୨ବର୍ଷ ସମୟ ଲାଗିଯାଇଥିଲା।
- ଗୋଟିଏ ଦିନରେ ଜଣେ ମହିଳା ୭୦୦୦ ଶବ୍ଦ କହୁଥିବାବେଳେ ପୁରୁଷମାନେ ୨୦୦୦ଟି ଶବ୍ଦ କହନ୍ତି।
- ୧୦୦ ମିଲିୟନ ବା ଦଶକୋଟି ବର୍ଷ ପୂର୍ବରୁ ଭାରତ ଏକ ଦ୍ୱୀପଥିଲା।
- ପ୍ରତି ୧୨ବର୍ଷରେ ଭାରତରେ ଆୟୋଜିତ ହେଉଥିବା କୁମ୍ଭମେଳା ହେଉଛି ବିଶ୍ୱର ସବୁଠାରୁ ଅଧିକ ଜନଗହଳିପୂର୍ଣ୍ଣ ଉତ୍ସବ।

ଶିଶୁଙ୍କ ଯତ୍ନ ନିଅନ୍ତୁ

- ଉତ୍ତମ ପୋଷଣଯୁକ୍ତ ଖାଦ୍ୟ ଶିଶୁ ସ୍ୱାସ୍ଥ୍ୟର ମୁଖ୍ୟ ଆଧାର। ପାରମ୍ପରିକ ଘରୋଇ ଖାଦ୍ୟ ପ୍ରସ୍ତୁତ କରି ଶିଶୁକୁ ଖୁଆନ୍ତୁ। ଖାଦ୍ୟରେ ନିୟମିତ ସାଲାଡ଼, ଫଳ ସାମିଲ କରନ୍ତୁ। ଏହା ଦ୍ୱାରା ଶିଶୁ ସଂକ୍ରମଣକୁ ରକ୍ଷାପାଏ। ସବୁବେଳେ ସକ୍ରିୟ ରହେ।

-ସୁସ୍ଥ ଶରୀର ପାଇଁ ଚାଳିଶ ପ୍ରକାର ଖାଦ୍ୟସାର ଓ ଟନିକ ଆବଶ୍ୟକ। ଏଣୁ ଶିଶୁ ପାଇଁ ସବୁ ପ୍ରକାର ଖାଦ୍ୟ ଉପାଦାନ ମିଶ୍ରଣରେ ସନ୍ତୁଳିତ ଆହାର ପ୍ରସ୍ତୁତ କରିବା ଶିଖନ୍ତୁ।

- ନିୟମିତ ବ୍ୟବଧାନରେ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାନ୍ତୁ। ବୟସ ଓ ନିର୍ଦ୍ଧାରିତ

- ନିୟମିତ ପ୍ରାତଃ ଭୋଜନ କରୁଥିବା ଶିଶୁଠୁ ସାରାଦିନ ଚଳଚଞ୍ଚଳ ରହେ, ଥକିପଡ଼େ ନାହିଁ। ବିଦ୍ୟାଳୟରେ ଅଧ୍ୟୟନ ଦକ୍ଷତା ବଢ଼େ। କ୍ଷୀର, ଫଳ, ଗହମ ଅଟା ରୁଟି, ସାଣ୍ଡୱିଚ ଆଦି ଖାଇବାକୁ ଦିଅନ୍ତୁ।
- ଶିଶୁ ଦୈନିକ ଅତି କମରେ ପାଞ୍ଚ ସାତ ଗ୍ଲାସ ପାଣି ପିଇବା ଉଚିତ। ଏହାଦ୍ୱାରା ଶରୀରର ଜଳୀୟ ମାତ୍ରା ଠିକ୍ ରହେ। ଫଳରସ, କାଲୋରିମୁକ୍ତ ପାନୀୟ, ଲହୁଣିମୁକ୍ତ କ୍ଷୀର ମଧ୍ୟ ଦେଇପାରିବେ।

ସମୟରେ ଶିଶୁକୁ ସମସ୍ତ ଟିକା ଦିଅନ୍ତୁ।

ସ୍ମରଣ ଶକ୍ତି ପାଇଁ ସୁନିଦ୍ରା ଆବଶ୍ୟକ। ଏହା ଦ୍ୱାରା ଶିଶୁ କର୍ମଠ ରହେ, ଅଧ୍ୟୟନରେ ଏକାଗ୍ରତା ବଢ଼େ।

-ନିୟମିତ ଦୌଡ଼, ଖେଳକୁଦ, ସନ୍ତୁଳଣ ଶିଶୁପାଇଁ ଲାଭଦାୟକ। ଦଶ ଏଗାର ବର୍ଷର ପ୍ରତ୍ୟେକ ପିଲା ଦୈନିକ ଅତି କମରେ ଏକ ଘଣ୍ଟା ବ୍ୟାୟାମ କରିବା ଉଚିତ।

କୁଲ୍ ହେୟାର ଷ୍ଟାଇଲ୍

ଏଇ ଖରାରେ ଯଦି ଆପଣଙ୍କ କେଶ ଛୋଟ ଅଛି ତ ବଂଚିଗଲେ । ଯଦି ଲମ୍ବା କେଶ ତେବେ କଷ୍ଟ ପାଇବା ସ୍ୱାଭାବିକ । କିନ୍ତୁ ଚିନ୍ତା ନାହିଁ ସମରରେ ଆପଣ କିଛି କୁଲ୍ ହେୟାରଷ୍ଟାଇଲ୍ କରିପାରିବେ ।

କର୍ନରୋ ବ୍ରେଡ୍:- କେଶକୁ ମୁହଁ ଏବଂ ତ୍ୱଚା ଚାରିପାଖରୁ ଦୂରେଇ ରଖିବାପାଇଁ କର୍ନରୋ ବ୍ରେଡ୍ ଠାରୁ ଅନ୍ୟ କୌଣସି ଭଲ ଉପାୟ ଆଉ ନାହିଁ । ଡିଜାଇନରେ ବେଣୀ କରିବାପରେ ଏହାକୁ ଷ୍ଟାଇଲିଶ୍ ଉପାୟରେ ଗଣ୍ଠି ମଧ୍ୟ କରିପାରିବେ ।

ଲୋ ହାଫ୍ ନଟ୍:- ଏହି ଷ୍ଟାଇଲ ଭାରି ଆରାମଦାୟକ । ଏହା ଅତ୍ୟଧିକ ଟାଇଟ୍ ନୁହେଁ । କେଶକୁ ସୁନ୍ଦର ରଖିବା ସହ ଆରାମ ଅନୁଭବ ହେବାକୁ ଦେଇଥାଏ । ଗଣ୍ଠିକୁ ସଠିକ୍ ଭାବେ ରଖିବାପାଇଁ କିଛି ହେୟାର ପିନ୍ ବ୍ୟବହାର କରନ୍ତୁ ।

ମିଛମେଡ୍ ବ୍ରେଡ୍:- ଏହି ହେୟାରଷ୍ଟାଇଲ ଦେଖିଲେ ଆପଣଙ୍କୁ ଲାଗୁଥିବ ଯେ, କଷ୍ଟଦାୟକ କିନ୍ତୁ ପ୍ରକୃତରେ ଆପଣ ଯେତିକି କଷ୍ଟ ଭାବୁଛନ୍ତି ସେତିକି ନୁହେଁ । ଦୁଇ ଭାଗ କରି କେଶକୁ ବେଣୀ କରିଦିଅନ୍ତୁ । ବେଣୀ ହୋଇଯିବାପରେ ବେଣିକୁ ହେୟାର ନପିନ୍ ସାହାଯ୍ୟରେ ଅପୋଜିଟ୍ ଡାଇରେକ୍ସନ୍‌ରେ ମୁଣ୍ଡ ଉପରେ ରଖନ୍ତୁ । କେଶକୁ ସଠିକ୍ ଭାବେ ରଖିବା ପାଇଁ ଗୋଟିଏ ଟେକ୍ସରାଇଜିଙ୍ଗ ସ୍ପ୍ରେ ବ୍ୟବହାର କରନ୍ତୁ ।

ସାଇଡ୍ ବ୍ରେଡ୍ :- ଏହି ହେୟାରଷ୍ଟାଇଲ ଦେଖିବାକୁ କ୍ୟୁଟ୍ ଏବଂ ଏଥିସହ ଏହା ଉପରକୁ ମଧ୍ୟ ରହିବ । କେଶକୁ ଗୋଟିଏ ପାର୍ଶ୍ୱକୁ ଆଣି ବେଣି କରନ୍ତୁ ।

ଟାଇଟ୍ ଟପ୍ ନଟ୍:- ଏହି ହେୟାରଷ୍ଟାଇଲ ଲମ୍ବା କେଶ ପାଇଁ ବେଷ୍ଟ । କେଶକୁ ହାଇ ପନିଟେଲ କରି ବାନ୍ଧି ଦିଅନ୍ତୁ ଏବଂ ଦୁଇ ଭାଗ କରିଦିଅନ୍ତୁ ପ୍ରତ୍ୟେଟିକୁ ପରସ୍ପର ବାନ୍ଧିବା ପରେ ଏକ ସ୍ପ୍ରଞ୍ଜରେ ବାନ୍ଧି ଦିଅନ୍ତୁ ।

ଶରୀର ପାଇଁ ଜରୁରୀ ଆଣ୍ଟିଅକ୍ସିଡାଣ୍ଟ

ମନୁଷ୍ୟ ଖଣ୍ଡିଆ ଖାବରା ହେଲେ କିମ୍ବା ଅପରେସନ୍ ହେଲେ, ଶରୀର ଶୀଘ୍ର ସୁସ୍ଥ ହେବା ନିମନ୍ତେ ଆଣ୍ଟିଅକ୍ସିଡାଣ୍ଟର ଆବଶ୍ୟକତା ପଡ଼ିଥାଏ । କେବଳ ଔଷଧ ନ ଖାଇ ବରଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ଖାଦ୍ୟପାନୀୟ ସେବନ କରିବା ମଧ୍ୟ ଶରୀର ପାଇଁ ଖୁବ୍ ହିକର । ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ ।

ଲେମ୍ବୁ ଫଳରେ ମହକୁଦ୍ ଥିବା ଭିଟାମିନ୍ 'ସି' ଆଣ୍ଟିଅକ୍ସିଡାଣ୍ଟର ଅନ୍ୟତମ ସ୍ରୋତ । ଏଣୁ ଲେମ୍ବୁ ପାଣି ପିଇଲେ କିମ୍ବା କୌଣସି ବ୍ୟଞ୍ଜନରେ

ଏହାର ଉପରୋଗ କରିବା ଶରୀର ପାଇଁ ହିତକାରୀ । ଏହା ସହ ଲେମ୍ବୁର ଥିବା ତତ୍ତ୍ୱ କେଶ ଓ ତ୍ୱଚା ପାଇଁ ମଧ୍ୟ ଉତ୍ତମ ।

ପାଚିଲା କଦଳୀ ସମସ୍ତ ବ ର୍ଗ ଓ ବୟସର ଲୋକ ଖାଇବା ଉଚିତ । ଏଥିରେ ଥିବା ବିଭିନ୍ନ ପୋଷାକତତ୍ତ୍ୱ ଶରୀରର ହଜମ ପ୍ରକ୍ରିୟା ସୁଧାରିବା ସହ ଶକ୍ତି ଯୋଗାଏ । ଏଣୁ ସକାଳ ଜଳଖିଆରେ ଅନ୍ତତଃ ଗୋଟିଏ କଦଳୀ ଖାଇବା ଭଲ ।

ବ୍ରାଉନ ରାଇସ୍ କେବଳ ମଧୁମେହ ରୋଗୀ ଓ ମେଦବହୁଳ ରୋଗୀଙ୍କ ପାଇଁ ଉତ୍ତମ ଖାଦ୍ୟ ନୁହେଁ । ଏଥିରେ ଥିବା ଫିଲିଫିନିଲ ନାମକ ଆଣ୍ଟିଅକ୍ସିଣ୍ଡାଣ୍ଟ ତତ୍ତ୍ୱ ଶରୀର ପାଇଁ ମହୌଷଧିଭାବେ କାମ କରେ । ଏଣୁ ନିୟମିତ ଭାବେ ବ୍ରାଉନ ରାଇସ୍ ଖାଇବା ଅଭ୍ୟାସ କରନ୍ତୁ ।

ଭାରତରେ ଖଟା ବ୍ୟଞ୍ଜନର ଆଦର

କେବଳ ଯୁବତୀ ଓ ମହିଳାମାନେ ଆଚାର କିମ୍ବା ଖଟା ବ୍ୟଞ୍ଜନର ପ୍ରିୟ ନୁହନ୍ତି ବରଂ ପୁରୁଷ ଖାଦ୍ୟ ପ୍ରେମୀଙ୍କ ସଂଖ୍ୟା ମଧ୍ୟ ଏ କ୍ଷେତ୍ରରେ ସର୍ବାଧିକ । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ପ୍ରାୟତଃ ସମସ୍ତ ପ୍ରକାର ଉତ୍ତର-ଭାରତୀୟ ବ୍ୟଞ୍ଜନରେ ଆମଚୁରର ପ୍ରୟୋଗ କରାଯାଏ। ଆମରୁ ପ୍ରସ୍ତୁତ ଆମଚୁର ଆଜିକାଲି ଭାରତରେ ପ୍ରତ୍ୟେକ ପ୍ରାନ୍ତରେ ଉପଲବ୍ଧ । ବଙ୍ଗୀୟ ଖାଦ୍ୟରେ ଲେମ୍ବୁର ବାସ୍ନା ରହୁଥିବାବେଳେ ଅନେକ ବର୍ଷ ତଳେ ଆମ ପାରମ୍ପାରିକ ଖାଦ୍ୟରେ ଜଙ୍ଗଲୀ ଲେମ୍ବୁ ବ୍ୟବହୃତ ହେଉଥିଲା । ତାହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉତ୍ତମ ଥିବାର ବିଭିନ୍ନ ଗବେଷଣାରୁ ପ୍ରକାଶ । ପଞ୍ଜାବ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଖଟା ସ୍ୱାଦ ନିମନ୍ତେ ଡାଲିମ୍ବ ପ୍ରୟୋଗ କରାଯାଏ । ଡାଲିମ୍ବ ମଞ୍ଜିକୁ ଶୁଖାଇ ତାହାକୁ ଗୁଣ୍ଡ କରି ବିଭିନ୍ନ ବ୍ୟଞ୍ଜନରେ ତାହାର ବ୍ୟବହାର କରାଯାଉଥିବାର ଜଣାପଡ଼ିଛି ।

ଦକ୍ଷିଣ ଭାରତର ପ୍ରତ୍ୟେକ ପାରମ୍ପାରିକ ବ୍ୟଞ୍ଜନରେ ତେନ୍ତୁଳିର ସ୍ୱାଦ ଅନୁଭବ କରିହୁଏ । ଆରବ ସୌଦାଗରମାନେ ଅନେକ ବର୍ଷ ତଳେ ତେନ୍ତୁଳିକୁ 'ତାମ୍ର-ଏ-ହିନ୍ଦ୍' ନାମକରଣ କରିଥିଲେ । ହାଇଦ୍ରାବାଦର ପାରମ୍ପାରିକ ବ୍ୟଞ୍ଜନରେ ଖଟାର ସ୍ଥାନ ନେଲା ଟମାଟୋ ଓ ବହି । ଏସବୁର ଉପଯୋଗ ସେମାନେ ସେଠାର ଲୋକପ୍ରିୟ 'ବିରିୟାନୀ' ଓ 'ଖଟା' ମୁର୍ଗ'ରେ କରିଥିଲେ । ରାଜସ୍ଥାନରେ କାହିଁ କେଉଁକାଳରୁ ଦହିର ଉପଯୋଗ ବିଭିନ୍ନ ବ୍ୟଞ୍ଜନରେ ହୋଇଆସୁଛି । ରାଜପରିବାରର ଶାକାହାରୀ ଥାଳିରେ ଦହି ଏକ ମୁଖ୍ୟ ବ୍ୟଞ୍ଜନ ଥିଲା । ଆଜିକାଲି ବଜାରରେ ବିଭିନ୍ନ ବିଦେଶୀ ଓ ଦେଶୀ କମ୍ପାନୀର କୃତ୍ରିମ ଖଟା ଉପଲବ୍ଧ ହେଲେ ସେସବୁ ପାରମ୍ପାରିକ ଭୋଜନରେ ସ୍ଥାନ ନେଇପାରିନାହିଁ ।

ଦୃଷ୍ଟିଶକ୍ତି କମାଏ ସ୍ମାର୍ଟଫୋନ୍

ଆଜିକାଲି ହାଇଟେକ ଯୁଗ । ପିଲାମାନେ ବିଭିନ୍ନ ଇଲେକଟ୍ରୋନିକ ଜେକ ପ୍ରତି ଆକର୍ଷିତ ହେଉଥିବାର ଦେଖିବାକୁ ମିଳୁଛି । କିନ୍ତୁ ଯଦି ଆପଣଙ୍କ ପିଲା ଅଧିକ ସମୟ ସ୍ମାର୍ଟ ଫୋନ ବ୍ୟବହାର କରୁଛି ତେବେ ତାକୁ ଏଥିରୁ ବିରତ କରନ୍ତୁ । କାରଣ ଭବିଷ୍ୟତରେ ଏହା ପିଲାର ଦୃଷ୍ଟିଶକ୍ତିକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି । ଏଭଳି ସତର୍କ ସୂଚନା ମିଳିଛି ସଦ୍ୟତମ ଗବେଷଣାରୁ । ପିଲାଙ୍କ ଦୃଷ୍ଟିଶକ୍ତି ଏବଂ ସ୍ମାର୍ଟଫୋନ ବିଷୟକୁ ନେଇ ଆମେରିକୀୟ ବିଶେଷଜ୍ଞମାନେ ଗବେଷଣା କରିଥିଲେ । ପ୍ରତିଦିନ ଅଧିକାଂଶ ସମୟ ସ୍ମାର୍ଟଫୋନ୍ ବ୍ୟବହାର କରୁଥିବା କେତେକ ପିଲାଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ପିଲାଙ୍କର ଚକ୍ଷୁ ସମସ୍ୟା ଥଡ଼ିବାର ଜଣାପଡ଼ିଥିଲା । ପିଲାମାନେ ଏଭଳି ଫୋନ ଯେତେ କମ ବ୍ୟବହାର କରିବେ ତାହା ସେତେ ଭଲ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

ଓଜନ କମାଏ ମେଥିଦାନା

- ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ। ଏହାଦ୍ୱାରା ରକ୍ତ ସଂଚାଳନ ଉତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବେ କାର୍ଯ୍ୟ କରିଥାଏ।
- ମଧୁମେହ ରୋଗୀ ନିୟମିତ ଭାବେ ମେଥି ଖାଇବା ସେମାନଙ୍କ ପାଇଁ ଉପକାରୀ। ଏଥିରୁ ମହକୁଦ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣ କରେ।
- ମେଥିଦାନାରେ ଭରପୁର ମାତ୍ରାରେ ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ।
- ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ମାସ ମଧ୍ୟରେ ସୁଫଳ ମିଳିଥାଏ।
- ମେଥିରେ ମହକୁଦ ଥିବା ଫାଇବର ଶରରରୁ ଦୂଷିତ ପଦାର୍ଥ ବାହାର କରିଥାଏ। ଏହାତ୍ୱଚା, କଲୋନ କର୍କଟର ଆଶଙ୍କା କମ୍ ରଖିଥାଏ।
- ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଂଚାଳନ ଉତମ ହେବାରେ ସାହାଯ୍ୟ କରିଥାଏ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପୁନର୍ଗଠନ...

ଗତ ସପ୍ତାହର ଗୁରୁବାର ଦିନ ଏକ ଆଦେଶନାମା ଜାରି କରି ପରିସଂଖ୍ୟାନ ମନ୍ତ୍ରଣାଳୟ କହିଛି ଯେ ଅର୍ଥନୀତିକ ପରିସଂଖ୍ୟାନ ଉପରେ ଷ୍ଟାଣ୍ଡିଂ କମିଟି (ଏସ୍‌ସିଇଏସ୍), ଯାହା ଉପରେ କେବଳ ଅର୍ଥନୀତିକ ସୂଚକଗୁଡ଼ିକର ପରୀକ୍ଷା କରିବାର ଦାୟିତ୍ୱ ନ୍ୟସ୍ତ ଥିଲା, ତାକୁ ହଟାଯାଇ ତା' ପରିବର୍ତ୍ତେ ବର୍ତ୍ତମାନଠାରୁ ପରିସଂଖ୍ୟାନ ଉପରେ ଏକ ଷ୍ଟାଣ୍ଡିଂ କମିଟି (ଏସ୍‌ସିଓଏସ୍) କାର୍ଯ୍ୟ କରିବ । ଏହି ଏସ୍‌ସିଓଏସ୍ ପାଇଁ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍) ନେତୃତ୍ୱ ଅଧୀନରେ ସମ୍ପାଦିତ ସମସ୍ତ ସର୍ବେକ୍ଷଣର ଢାଞ୍ଚା ଏବଂ ଫଳାଫଳଗୁଡ଼ିକର ସମୀକ୍ଷା କରିବା ଭଳି ଏକ ବ୍ୟାପକ କାର୍ଯ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୯ର ଉତ୍ତରାର୍ଥରେ ଏସ୍‌ସିଇଏସ୍ ପ୍ରତିଷ୍ଠା କରାଯାଇଥିଲା ଏବଂ ସମ୍ପ୍ରତି ଏହାର ପୁନର୍ଗଠନ କରାଯିବାର କାରଣ ହେଉଛି ଶେଷ ଥର ପାଇଁ ଦେଶରେ ଉପଭୋଗ (କଞ୍ଜମ୍ପସନ୍), ବ୍ୟୟ ଏବଂ କର୍ମନିଯୁକ୍ତି ଉପରେ ସମ୍ପନ୍ନ ହୋଇଥିବା ପରିବାର ସର୍ବେକ୍ଷଣର 'ତଥ୍ୟର ମାନ ପ୍ରସଙ୍ଗ', ଯାହାକୁ ଅତି ଦୁର୍ବଳ ବୋଲି ଦର୍ଶାଯାଇ ଥିଲା, ତାକୁ ଅଳିଆ ଗଦା ଭିତରକୁ ଫିଙ୍ଗି ଦିଆଯାଇଥିଲା । ଗୋଟିଏ ବାକ୍ୟରେ କହିଲେ, ଏସ୍‌ସିଇଏସ୍‌ର ମୁଖ୍ୟ କାର୍ଯ୍ୟ ଥିଲା ଅର୍ଥନୀତିକ ପରିସଂଖ୍ୟାନ ଉପରେ ପରାମର୍ଶ ଦେବା, ଯେଉଁଥିରେ ଏହା ବିଫଳ ହୋଇଥିଲା ବୋଲି କୁହାଯାଇଛି । ନବଗଠିତ ଏସ୍‌ସିଓଏସ୍‌ର ମୁଖ୍ୟ ଭାବରେ କାର୍ଯ୍ୟ କରିବାକୁ ଯାଉଛନ୍ତି ପ୍ରଣବ ସେନ୍, ଯିଏକି ଭାରତର ପ୍ରଥମ ମୁଖ୍ୟ ପରିସଂଖ୍ୟାନବିତ୍ ଏବଂ ସେ ହେଉଛନ୍ତି ଜାତୀୟ ପରିସଂଖ୍ୟାନ ଆୟୋଗ (ଏନ୍‌ଏସ୍‌ସି)ର ପୂର୍ବତନ ଅଧ୍ୟକ୍ଷ । ଏହି କମିଟି ସମ୍ମୁଖରେ ତଥ୍ୟର ସମସ୍ତ ପ୍ରକାର ନିମନ୍ତେ ସର୍ବେକ୍ଷଣଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବାରେ ସହାୟତା କରିବା, ବନ୍ଦ କରାଯିବାକୁ ଥିବା ତଥ୍ୟଜନିତ ଅନ୍ତରଗୁଡ଼ିକୁ ଚିହ୍ନଟ କରିବା, ଏବଂ ନୂଆ ତଥ୍ୟ ସମାହାରଗୁଡ଼ିକ ପାଇଁ ପାଇଲଟ୍ ସର୍ବେକ୍ଷଣ କରିବା ଭଳି ଏକ ବ୍ୟାପକ କାର୍ଯ୍ୟ ଭାର ରହିଛି । କମିଟିର ୧୪ ଜଣ ସଦସ୍ୟ ରହିବାକୁ ଥିବା ବେଳେ ଏହି ନୂଆ କମିଟି ମଧ୍ୟ ପୂର୍ବ କମିଟି ଅପେକ୍ଷା କମ୍ ସଦସ୍ୟବିଶିଷ୍ଟ ଏବଂ ଗୁଣାତ୍ମକ ମାର୍ଗଦର୍ଶନ ପ୍ରଦାନ କରିବାର ଅଧିକ ସମ୍ଭାବନା ରହିଛି। ପୂର୍ବ ଅର୍ଥନୀତିକ ତଥ୍ୟ ସମୀକ୍ଷା କମିଟିରେ ୨୮ ଜଣ ସଦସ୍ୟ ରହିଥିବାରୁ ସମ୍ଭବତଃ ସଦସ୍ୟମାନଙ୍କ ମଧ୍ୟରେ ସହମତି ପ୍ରତିଷ୍ଠା କରିବା ଅତ୍ୟନ୍ତ କଷ୍ଟସାଧ୍ୟ ହେଉଥିଲା । ନବଗଠିତ କମିଟିର ପ୍ରଥମ କାର୍ଯ୍ୟ ଗତ ବର୍ଷ ଏସ୍‌ଏସ୍‌ଏସ୍ ଦ୍ୱାରା କରାଯାଇଥିବା ପରିବାର ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏସିଇଏସ୍)ର ଫଳାଫଳଗୁଡ଼ିକ ସମ୍ବନ୍ଧିତ ହେବାର ସମ୍ଭାବନା ରହିବ ଏବଂ ଏହା ଅନୁସୃତ ହୋଇଥିବା ପ୍ରଣାଳୀଗୁଡ଼ିକ ବାବଦରେ ତଥା ସେଗୁଡ଼ିକ ଆବଶ୍ୟକ କରୁଥିବା ତର୍ଜମାକାରୀ ସୂକ୍ଷ୍ମ ଦୃଷ୍ଟିଗୁଡ଼ିକ ସମ୍ପର୍କରେ ବ୍ୟବହାରକାରୀମାନଙ୍କୁ ସଚେତନ କରାଇବା ଉଚିତ । ଏନ୍‌ସିଇଏସ୍ କେବଳ ସମୟ ଅତିକ୍ରାନ୍ତ ହେବା ସହିତ ଲୋକମାନଙ୍କ ଜୀବନ ଧାରଣର ଶୈଳୀ ସମ୍ପର୍କରେ ସୁନିଶ୍ଚିତ କରାଇବା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ତା' ସହିତ ଅର୍ଥନୀତିର ଉତ୍ପାଦକୁ ମାପ କରିବା ନିମନ୍ତେ ବ୍ୟବହାର ହେଉଥିବା ଖାଉଟି ମୂଲ୍ୟ ସୂଚକାଙ୍କ (ସିପିଆଇ) ଏବଂ ମୋଟ ଘରୋଇ ଉତ୍ପାଦ (ଜିଡିପି) ଭଳି ଅର୍ଥନୀତିକ ସୂଚକଗୁଡ଼ିକୁ ସଂଶୋଧନ କରିବା ପାଇଁ ମୁଖ୍ୟ ଉପାଦାନ ଭାବରେ କାର୍ଯ୍ୟ କରିଥାଏ । ଅନ୍ୟ ଏକ ପାଞ୍ଚବର୍ଷିଆ କର୍ମନିଯୁକ୍ତି ସର୍ବେକ୍ଷଣ ସହିତ ଶେଷ ସର୍ବେକ୍ଷଣ ୨୦୧୭-୧୮ରେ ସମ୍ପନ୍ନ ହୋଇଥିଲା, କିନ୍ତୁ ନଭେମ୍ବର ୨୦୧୯ରେ ସରକାର ତଥ୍ୟର ଗୁଣାତ୍ମକ ପ୍ରସଙ୍ଗଗୁଡ଼ିକୁ ଆଳ କରି ଏହାର ନିଷ୍କର୍ଷଗୁଡ଼ିକୁ ଅଳିଆ ଗଦାକୁ ପଠାଇ ଦେବାକୁ ଚାହିଁଲେ । ମହାରାଷ୍ଟ୍ର ରାଜ୍ୟ ଦ୍ୱାରା ପ୍ରକାଶିତ ୨୦୧୭-୧୮ ସର୍ବେକ୍ଷଣର ତଥ୍ୟଗୁଡ଼ିକ ସୂଚାଉଛି ଯେ ବିମୁଦ୍ରାକରଣର ଝଟ୍‌କା ସତ୍ତ୍ୱେ ୨୦୧୧-୧୨ଠାରୁ ପରିବାରଗୁଡ଼ିକର ଖର୍ଚ୍ଚ କରିବାର ଶକ୍ତି ଏବଂ ବିଭିନ୍ନ ପ୍ରକାରର ସୁବିଧାସୁଯୋଗଗୁଡ଼ିକ ପ୍ରତି ପହଞ୍ଚି କ୍ଷେତ୍ରରେ ଉନ୍ନତି ଘଟିଥିଲା, ଯଦିଓ କେତେକ କ୍ଷେତ୍ରରେ ଅସମାନତାରେ ବୃଦ୍ଧି ଘଟିବା ପରିଲକ୍ଷିତ ହୋଇଥିଲା । ତେଣୁ ଏହି ତଥ୍ୟ କୌଣସି ଦୃଷ୍ଟିରୁ ଖରାପ ଖବର ବୋଲି କୁହାଯାଇ ପାରିବ ନାହିଁ । ତଥ୍ୟ ପ୍ରକାଶିତ ହେବା ପାଇଁ ଉପଯୁକ୍ତ କି ନୁହେଁ, ତାହା ଏକ ସ୍ୱାଧୀନ ସଂସ୍ଥା ଭାବରେ କାର୍ଯ୍ୟ କରୁଥିବା ଜାତୀୟ ପରିସଂଖ୍ୟାନ ଆୟୋଗ ଉପରେ ଛାଡ଼ି ଦିଆଯିବା ଉଚିତ, ଯାହାକି ଗତ ବର୍ଷ ଉତ୍ତରାର୍ଥରେ ପୁନର୍ଗଠିତ ହୋଇଥିଲା । କିନ୍ତୁ ଏହି ଆୟୋଗରେ ଏବେ ସୁଦ୍ଧା ଅନେକଗୁଡ଼ିଏ ପଦ ଫାଙ୍କା ପଡ଼ିଛି। ଜଣକ ନିଜର ବ୍ୟବସ୍ଥାର ବିଶ୍ୱସନୀୟତାକୁ ଧ୍ୱଂସ କରିବା ହୁଏତ ଲୋକମାନଙ୍କୁ ଅନ୍ଧାରରେ ରଖି ନିଜର ଅସଦୁଦ୍ଦେଶ୍ୟକୁ ହାସଲ କରିପାରେ, କିନ୍ତୁ ଉତ୍ତମ ଶାସନର ପରିଣତିଗୁଡ଼ିକୁ ପ୍ରମାଣିତ କରିବା ନିମନ୍ତେ ଏହା ମଧ୍ୟ ଜଣକୁ ଛଳନାର ଆଶ୍ରୟ ନେବା ପାଇଁ ଛାଡ଼ି ଦେଇପାରେ। ଆଶା କରାଯାଉ, ଏସ୍‌ସିଓଏସ୍ ଅତ୍ୟନ୍ତ ସକ୍ରିୟ ଭାବରେ ଭାରତର ଏକଦା ଉଚ୍ଚ-ପ୍ରଶଂସିତ ପରିସଂଖ୍ୟାନଗତ ବ୍ୟବସ୍ଥା ଏବଂ ତଥ୍ୟ ବ୍ୟବହାରକାରୀମାନଙ୍କ ମଧ୍ୟରେ ରହିଥିବା ଅନ୍ତରରେ ପୂର୍ଣ୍ଣଛେଦ ପକାଇବ, ଯାହା ସରକାରୀ ତଥ୍ୟ କ୍ଷେତ୍ରରେ ସାମ୍ପ୍ରତିକ ଶୂନ୍ୟସ୍ଥାନ ସୃଷ୍ଟି ହେବା ଦିଗରେ ପଥ କଢ଼ାଇ ନେଇଛି । ଆଉ ଏଇ ଶୂନ୍ୟସ୍ଥାନର ପରିଣତି ହୋଇଛି ଯେ ସରକାର ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ କରୁଥିବା କେତେକ ତୃଣମୂଳ ବାସ୍ତବତାକୁ ନା ତ ସ୍ୱୀକାର କରୁଛନ୍ତି, ନା ଏସବୁର ସମାଧାନ କରୁଛନ୍ତି।

ଫ୍ରାନ୍ସରେ ମୋଦିଙ୍କୁ ସମ୍ମାନ ଓ ଅସମ୍ମାନ

ସୌମେନ୍ଦ୍ର ଜେନା

ଚଳିତ ବର୍ଷ ଫ୍ରାନ୍ସର ବାର୍ଷିକ ବାସ୍ତିଲ ପରେଡ ଭାରତ ପାଇଁ ବଡ ଗୁରୁତ୍ୱପୂର୍ଣ୍ଣ ଥିଲା । କାରଣ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପରେଡି ଉତ୍ସବର ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇଥିଲା ବେଳେ ପରେଡରେ ଅଂଶଗ୍ରହଣ କରିବାକୁ ଭାରତର ସେନା ବାହିନୀକୁ ନିମନ୍ତ୍ରଣ କରାଯାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ ସେନା ପକ୍ଷରୁ ଫ୍ରାନ୍ସରେ ଯୁଦ୍ଧରେ ସାମିଲ ହୋଇ ଲଢିଥିବା ପଞ୍ଜାବ ବାଟାଲିଅନ ଯବାନମାନଙ୍କର ଏକଦଳ ସହ ତିନିସେନାର ଯବାନମାନେ ଏହି ପରେଡରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ । ବାୟୁସେନା ପକ୍ଷରୁ ରାଫେଲ ବାହିନୀ ମଧ୍ୟ ଆକାଶରେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାସ୍ତିଲ ପରେଡରେ ଅତିଥି ଭାବେ ଯୋଗ ଦେବାଲାଗି ଦୁଇଦିନିଆ ଫ୍ରାନ୍ସଗସ୍ତ (୧୩-୧୪ ଜୁଲାଇ) କରିଥିଲେ । ଏମିତି ଦେଖିବାକୁ ଗଲେ ଫ୍ରାନ୍ସ ଭାରତର ଦ୍ୱିତୀୟ ବଡ ପ୍ରତିରକ୍ଷା ସହଯୋଗୀ । ଅତୀତର ମିରେଜଠାରୁ ଆଜିର ରାଫେଲ ପର୍ଯ୍ୟନ୍ତ ପାଖାପାଖି ପଚାଶବର୍ଷ ଧରି ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗ ରହିଆସିଛି । କିନ୍ତୁ ପରିବର୍ତ୍ତିତ ବିଶ୍ୱବ୍ୟବସ୍ଥାରେ କେବଳ ୟୁରୋପୀୟ ସଂଘ କିମ୍ବା ନାଟୋ ଦ୍ୱାରା ଫ୍ରାନ୍ସର ବହୁ ଆକାଂକ୍ଷୀତ ସ୍ୱପ୍ନ ସାକାର ହେବା ଅସମ୍ଭବ ଲକ୍ଷ୍ୟ କରି ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବହୁପକ୍ଷ ସ୍ୱାର୍ଥ ଦୃଷ୍ଟିରୁ ଭାରତ ସହ ସହଯୋଗକୁ ଅଧିକ ସୁଦୃଢ କରିବାକୁ ଗୁରୁତ୍ୱ ଦେଇଛନ୍ତି । ହେଲେ ମୋଦିଙ୍କ ଗସ୍ତ କାଳରେ ପ୍ୟାରିସରେ ତାଙ୍କୁ ସମ୍ମାନ ସହ ନିନ୍ଦାଗାନ ମଧ୍ୟ ଶୁଣିବାକୁ ମିଳିଥିଲା । ନରେନ୍ଦ୍ର ମୋଦି ଫ୍ରାନ୍ସରେ ପହଞ୍ଚିବା ପରେ ବିମାନ ବନ୍ଦରରେ ହିଁ ଫ୍ରାନ୍ସର ପ୍ରଧାନମନ୍ତ୍ରୀ ଏଲିସାବେଥ ବୋର୍ଣ୍ଣ ମୋଦିଙ୍କୁ ସ୍ୱାଗତ କରିଥିଲେ । ଫ୍ରାନ୍ସ ରାଷ୍ଟ୍ରପତି ମୋଦିଙ୍କ ସମ୍ମାନାର୍ଥେ ଲୁଭ୍ରେ ସଂଗ୍ରହାଳୟଠାରେ ଏକ ରାତ୍ରୀ ଭୋଜୀ ଦେଇଥିଲେ । ବ୍ରିଟେନ ରାଣୀ ଏଲିଜାବେଥଙ୍କ ପରେ (୧୯୫୩)ମୋଦିଙ୍କୁ ଏଠାରେ ଭୋଜୀ ଦେବାଲାଗି ସରକାର ପରମ୍ପରା ଭଙ୍ଗ କରିଥିଲେ । ଫ୍ରାନ୍ସର ରାଷ୍ଟ୍ରୀୟ ଦିବସରେ ଏଠାରେ ବହୁ ଭିଡ ହୋଇଥାଏ । କଳାକୃତୀର ବିରଳ ସଂଗ୍ରହ ଏହି ସଂଗ୍ରହାଳୟରେ ରହିଛି । ତେଣୁ ଏହାକୁ ସାଧାରଣଙ୍କ ପାଇଁ ବନ୍ଦ ରଖାଯାଇଥିଲା । ଏଠାରେ ଶାକାହାରୀ ଭୋଜନ ଦିଆଯାଇଥିଲା ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ୧୮୦୨ରେ ନେପୋଲିଅନ ବୋନାପାର୍ଟଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଗ୍ରାଣ୍ଡ କ୍ରସ୍ ଅଫ୍ ଲେଜିଅନ' ସମ୍ମାନ (ସର୍ବୋଚ୍ଚ ନାଗରିକ ସମ୍ମାନ) ପ୍ରଦାନ କରାଯାଇଥିଲା । ବାସ୍ତିଲ ଦୁର୍ଗ ବିଜୟର ସ୍ମୃତିରେ ଆୟୋଜିତ ବାର୍ଷିକ ବାସ୍ତିଲ ପରେଡରେ ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ ଦମ୍ପତିଙ୍କ ସହ ଯୋଗ ଦେଇଥିଲେ । ଭାରତୀୟଙ୍କ ଏକତ୍ରୀକରଣ କାର୍ଯ୍ୟକ୍ରମରେ ଯୋଗଦେଇ, ଶ୍ରୀମୋଦି ଦୁଇଦେଶର ବନ୍ଧୁତ୍ୱ, ରଣନୀତିକ ସଂପର୍କର ଚଉଠ ଶତାବ୍ଦୀର ଅନୁଭବ । ଜି ୨୦ରେ ଭାରତର ଅଧ୍ୟକ୍ଷତା, ଏକ ବିଶ୍ୱ ଏକ ପରିବାର ପରିକଳ୍ପନା, ୪୦ବର୍ଷ ଧରି ଫ୍ରାନ୍ସ ସଂସ୍କୃତି ସହ ନିଜର ଭାବଗତ ସଂପର୍କ, ଗଣତନ୍ତ୍ରର ଜନ୍ମସ୍ଥାନ ଭାରତ, ୧୦ବର୍ଷରେ ବିଶ୍ୱର ୫ମ ଅର୍ଥନୀତି ହୋଇ ୩ୟ ସ୍ଥାନକୁ ଲକ୍ଷ୍ୟ ରଖି ଭାରତର ଯାତ୍ରା, ବିଗତ ୧୫ବର୍ଷରେ ବିଶ୍ୱର ୪୨କୋଟି ଭାରତୀୟଙ୍କ ଦାରିଦ୍ର୍ୟରୁ ମୁକ୍ତି, ବିଶ୍ୱବାସୀଙ୍କ ଭାରତ ପ୍ରତି ଆଶାପୂର୍ଣ୍ଣ ଦୃଷ୍ଟି, ଭାରତର ଜନବଳ ହିଁ ଭାରତର ସମ୍ବଳ ହେବା, ୨୫ ହଜାର ବିଦ୍ୟାଳୟର ୮୦ଲକ୍ଷ ଛାତ୍ରଛାତ୍ରୀଙ୍କ ଅଟଳ ନବସର୍ଜନା ଶିକ୍ଷା, ଦେଶର ମହାକାଶ ଯୋଜନାର ଥୁମ୍ବାରୁ ଆଜିଯାଏଁ ଫ୍ରାନ୍ସ ସହ ସହଯୋଗ, ବିଶ୍ୱର ୪୬% ଡିଜିଟାଲ ଦେଶନେଣ ଭାରତରେ ହେବା, ଚବିଶ ଘଣ୍ଟିଆ ବ୍ୟାଙ୍କ ସେବା ଡିଜିଟାଲ ବ୍ୟବସ୍ଥା ହେତୁ ଚଳୁରହିବା, ଫ୍ରାନ୍ସ ସରକାର ଭାରତର ୟୁପିଆଇ ଡିଜିଟାଲ ସେବାକୁ ଗ୍ରହଣ କରିବା, ବିଦେଶରୁ ଭାରତୀୟଙ୍କ ଅର୍ଥ ପଠାଇବାରେ ରେକର୍ଡ କରିବା (୧୦୦ ବିଲିଅନ ଡଲାର) ଫ୍ରାନ୍ସରେ ପିଜି ଛାତ୍ରଛାତ୍ରୀଙ୍କୁ ୫ବର୍ଷ ପାଇଁ ଶିକ୍ଷାପର ଭିସା ପ୍ରଦାନ, ଭାରତ ବାହାରେ ଭାରତୀୟଙ୍କ ସୁରକ୍ଷା ପାଇଁ ସରକାରଙ୍କ ଗୁରୁତ୍ୱ, ବିଦେଶରେ ଭାରତର ସମ୍ମାନ ବୃଦ୍ଧିରେ ଭାରତୀୟଙ୍କ ଭୂମିକା ସଂପର୍କରେ ଉଲ୍ଲେଖ କରିଥିଲେ। ଭାରତବଂଶୀ ଲୋକେ ଅଧିକରୁ ଅଧିକ ବିଦେଶୀଙ୍କୁ ପ୍ରଭାବିତ କରି ଭାରତଗସ୍ତ କରିବାକୁ ପ୍ରୋତ୍ସାହିତ କରିପାରିଲେ ପର୍ଯ୍ୟଟନର ବିକାଶ ହେବ ବୋଲି ବୁଝାଇଥିଲେ । ଭାରତରେ ପୁଞ୍ଜି ବିନିଯୋଗ ପାଇଁ ବିଦେଶରେ ରହୁଥିବା ଭାରତୀୟମାନେ ଅଧିକ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ ଏବଂ ନିବେଶ ପାଇଁ ଏହା ସଠିକ୍ ସମୟ ବୋଲି ସେ କହିଥିଲେ । ବିଦେଶରେ ଥିବା ଭାରତୀୟମାନେ ଦେଶର ରାଷ୍ଟ୍ରଦୂତ ସଦୃଶ କାର୍ଯ୍ୟ କରିବା ଦରକାର ବୋଲି ସେ ପରାମର୍ଶ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସର ସିନେଟ ଅଧ୍ୟକ୍ଷ ଜେରାଡ ଲାର୍ଚେରଙ୍କୁ ମଧ୍ୟ ସାକ୍ଷାତ କରିଥିଲେ । ପ୍ୟାରିସଠାରେ ଥିବା ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟରେ ଡିଆରଡିଓର ଜଣେ ଅଧିକାରୀଙ୍କ ନିଯୁକ୍ତି ବିଷୟରେ ଘୋଷଣା କରାଯାଇଥିଲା । ଏହାଦ୍ୱାରା ଦୁଇଦେଶର ମହାକାଶ ଗବେଷଣା ସଂସ୍ଥା ମଧ୍ୟରେ ସହଯୋଗ ବୃଦ୍ଧିପାଇବ। ଦୁଇରାଷ୍ଟ୍ର ମଧ୍ୟରେ ରଣନୀତିକ ସହଯୋଗର ୨୫ବର୍ଷ ପୂର୍ତ୍ତି ଅବସରରେ ଆଗାମୀ ୨୦୪୭ ପର୍ଯ୍ୟନ୍ତ ରୋଡମ୍ୟାପ ପ୍ରସ୍ତୁତି ଲାଗି ଦୁଇଦେଶ ଆଲୋଚନା କରିଥିଲେ । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ସ୍ଥାପନା, ସୁରକ୍ଷା ଓ ଅଖଣ୍ଡତା ପାଇଁ ସହଯୋଗ କରିବାକୁ ଦୁଇଦେଶ ରାଜି ହୋଇଥିଲେ । ସେଥିଲାଗି ପ୍ରତିରକ୍ଷା ସହଯୋଗକୁ ସୁଦୃଢ କରିବାକୁ ନିଷ୍ପତ୍ତି ହୋଇଥିଲା । ଆତ୍ମନିର୍ଭର ପ୍ରତିରକ୍ଷା ଶିଳ୍ପ ଏବଂ ଯାନ୍ତ୍ରିକ ଭିତ୍ତିଭୂମିର ନିର୍ମାଣ ପାଇଁ ସ୍ଥିର ହୋଇଥିଲା । ମିଳିତ ଉତ୍ପାଦନ, ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ, ତୃତୀୟ ରାଷ୍ଟ୍ରର ବିକାଶ ପାଇଁ ଧ୍ୟାନ ଦେବାଲାଗି ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଭାରତରେ ଅଧିକ ଭାରବାହୀ ହେଲିକପ୍‌ଟର ନିର୍ମାଣଲାଗି ଭାରତ ସରକାରଙ୍କ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ ଏବଂ ଫ୍ରାନ୍ସର ସାଫ୍ରନ ହେଲିକପ୍‌ଟର ଇଞ୍ଜିନ ମଧ୍ୟରେ ବୁଝାମଣା ହୋଇଥିଲା । ପୂର୍ବରୁ ଭାରତ-ଫ୍ରାନ୍ସ ବୁଡାଜାହାଜ (ସବ୍‌ମେରିନ୍) ପ୍ରକଳ୍ପ (ପି-୭୫ କାଲଭାରୀ) ସଫଳତାର ସହ ଶେଷ ହେବା ପରେ କୋଲକାତାର ଗାର୍ଡନରିଚ ସିପ୍ ବିଲଡର୍ସ ଏଣ୍ଡ ଇଞ୍ଜିନିୟର୍ସ ଲିମିଟେଡ ଏବଂ ନାଭାଲ ଗ୍ରୁପ୍ ଫ୍ରାନ୍ସ ମଧ୍ୟରେ ଯୁଦ୍ଧପୋତ ନିର୍ମାଣ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ହୋଇଥିଲା । ସନ୍ତ୍ରାସବାଦକୁ ଅର୍ଥ ଯୋଗାଣ ବନ୍ଦ କରାଯିବା ପାଇଁ ଦୁଇ ଦେଶ ଏକମତ ହୋଇଛନ୍ତି । ଚୋରା ମାନବ ଚାଲାଣ ରୋକାଯିବା, ଆଭ୍ୟନ୍ତରୀଣ ସୁରକ୍ଷାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଭାରତର ଏନ୍‌ଏସ୍‌ଜି ଏବଂ ଫ୍ରାନ୍ସର ସୁରକ୍ଷା ବାହିନୀ ଗେଣ୍ଡାମାରୀ ନେସ୍‌ନାଲ ମଧ୍ୟରେ ସହଯୋଗ ବୃଦ୍ଧି ପାଇଁ ବିଚାର ହୋଇଥିଲା । ସାଇବର ସୁରକ୍ଷା କ୍ଷେତ୍ରରେ ଉଭୟ ରାଷ୍ଟ୍ର ସୂଚନା ଆଦାନପ୍ରଦାନ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କାର୍ଯ୍ୟକାରୀ ମଣ୍ଡଳୀ ବୈଠକରେ ଦୁଇଦେଶର ପ୍ରତିନିଧି ଏକମତ ହୋଇଛନ୍ତି । ଆଗାମୀ ଦିନରେ ସେପ୍ଟେମ୍ବର ୨୦୨୩ସୁଦ୍ଧା ମୁଦ୍ରା -ଲିରା ଦେଣନେଣ ବ୍ୟବସ୍ଥା ଫ୍ରାନ୍ସର ଇଫେଲ ଟାୱାରରୁ ଆରମ୍ଭ ହେବାକୁ ସ୍ଥିର ହୋଇଥିଲା । ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଏବଂ ୫ଜି / ୬ଜି କ୍ଷେତ୍ରରେ ସହଯୋଗ ପାଇଁ ଦୁଇଦେଶ ରାଜି ହୋଇଥିଲେ । ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଦୁଇଦେଶ ସୌରମେଣ୍ଟ ଗଠନ କରିଛନ୍ତି। ପ୍ୟାରିସ ଚୁକ୍ତି ଅନୁଯାୟୀ ସ୍ୱଚ୍ଛ ଶକ୍ତିର ବ୍ୟବହାର ଏବଂ ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି । ଆଗାମୀ ଦିନରେ ଭାରତର ଯୁଦ୍ଧବିମାନବାହୀ ପୋତ ବିକ୍ରମାଦିତ୍ୟ ପାଇଁ ୨୨ଟି ରାଫେଲ ଏମ୍ ଏବଂ ୪ଟି ଟ୍ରେନର ରାଫେଲ କିଣାଯିବା ଲାଗି ସ୍ଥିର ହୋଇଛି । ଏଥିପାଇଁ ଭାରତର କ୍ୟାବିନେଟ୍ କମିଟିର ମଞ୍ଜୁରୀ ମିଳିସାରିଛି ଯାହା କେବଳ ମୂଲ୍ୟକୁ ନେଇ ଆଲୋଚନା ଜାରି ରହିଛି । ଡିଜିଟାଲ ଆଇନ, ଡିଜିଟାଲ ଟେକ୍‌ନୋଲୋଜି, ଡିଜିଟାଲ ପେମେଣ୍ଟ କ୍ଷେତ୍ରରେ ଦୁଇଦେଶ ଅଧିକ ସହଯୋଗ କରିବାକୁ ରାଜି ହୋଇଛନ୍ତି। ଆଣବିକ ଶକ୍ତିର ବ୍ୟବହାର, ପରିଚାଳନା, ଗବେଷଣା (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ସମ୍ଭବାମି

ଅଜୟ କୁମାର ବେହେରା

ଆମି ଶବ୍ଦଟି ବଙ୍ଗଳା ଶବ୍ଦ ଯାହାର ଅର୍ଥ ମୁଁ, ଓଡ଼ିଆରେ ହେବ। ସମ୍ଭବ+ଆମି, ଏଠାରେ ଅ+ଆ ମିଶି ଆରେ ଏକାକାର ହୋଇ ଆକାର ହୋଇଯାଇଛି ଯାହା ସମ୍ଭବାମି ସୃଷ୍ଟି ହୋଇଛି। ଏକଥା ସର୍ବକଳା ନିପୁଣ ପୂର୍ଣ୍ଣକଳାରେ ଅବତୀର୍ଣ୍ଣ ଭଗବାନ ମହାଭାରତ ଯୁଦ୍ଧର ଅୟମା ଆରମ୍ଭରେ ଯୋଦ୍ଧା ଶ୍ରେଷ୍ଠ ତୀରନ୍ଦାଜ ଅର୍ଜୁନଙ୍କର ଭ୍ରାନ୍ତି ମୋହ ନାଶ କରିବା ପାଇଁ ବୟାନ କରୁଥିବା ଶ୍ଳୋକ ମାନଙ୍କ ମଧ୍ୟରେ ପରିତ୍ରାଣାୟଃ ସାଧୁନାଂ ଶ୍ଳୋକରେ ଏଇ ଏକ ଶବ୍ଦ। (ସଂସ୍କୃତ ଶବ୍ଦ ମାଳାର ବିନ୍ୟାସ ବିଜ୍ଞଙ୍କର ପରିସରରେ ଏ ଲେଖକ ଏପରି ଧୃରୀଣ ନୁହେଁ ଭ୍ରମ ପାଇଁ କ୍ଷମା ଦେବେ)।

ସେ ମୁଁ କହିବା ଏକମାତ୍ର ବ୍ୟକ୍ତି ହୋଇପାରନ୍ତି ମୁଁ ର କରିତ କର୍ମା ଶକତି ତାଙ୍କର ପିଲା କାଳ

ଫୁଲକୁଡ଼ି

କାର୍ତ୍ତିକ ସାଇଁ

ମିନା ଅପାଙ୍କ ରାମାୟଣ ଝୁଙ୍ଗି (୯୬)

ପ୍ରଭୁ ଶ୍ରୀରାମଙ୍କ ପୃଥିବୀରୁ ବିଦାୟ



"ମାତା ସୀତା ଲଙ୍କାଳମ୍ବନରେ ପୃଥିବୀରୁ ଆସିଥିଲେ ଓ ତାଙ୍କର ମର୍ତ୍ତ୍ୟ ଲୀଳା ସାରି ପୁଣି ପୃଥିବୀ ଭିତରକୁ ଚାଲିଗଲେ ।" ମିନା ଅପା ରାମାୟଣ କଥା ଆରମ୍ଭ କଲେ । ସୀତାଙ୍କୁ ରସାତଳଗାମୀ ହେବା ଦେଖି ସଭାରେ ଉପସ୍ଥିତ ଥିବା ସମସ୍ତେ ସ୍ତବ୍ଧ ଚକିତ ହୋଇଗଲେ । ଶ୍ରୀରାମ ବୁଝି ପାରିଲେନି- କ'ଣ ହେଉଛି ।

ରସାତଳ-ଗାମୀ ହୋଇ ମାତା ସୀତା ତାଙ୍କ ଇହଲୀଳା ସମାପ୍ତ କରିଥିଲେ । ବନବାସ, ତାପରେ ରାବଣ ଦ୍ୱାରା ଅପହୃତା ହୋଇ ବହୁତ କଷ୍ଟ ପାଇଥିଲେ । ବନ୍ଦିନୀ ଜୀବନରୁ ମୁକ୍ତ ହୋଇ ସେ ଭାବିଥିଲେ ପ୍ରଭୁ ଶ୍ରୀରାଙ୍କ ସହିତ ସୁଖରେ ରହିବେ । ମାତ୍ର ତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା । ଅଯୋଧ୍ୟାରେ କିଛି ସମୟ ରହିଲା ପରେ ପୁଣି ତାଙ୍କ ନିର୍ବାସନ ଦଣ୍ଡ ଭୋଗିବାକୁ ପଡ଼ିଥିଲା ।

କେତେଥର ସେ ପ୍ରମାଣ କରିଥାନ୍ତେ ଯେ ସେ ନିଷ୍କଳଙ୍କ । ଶେଷକୁ ସେ ନିଜର ସତୀତ୍ୱ ପ୍ରମାଣ କରିବାକୁ ପୃଥିବୀ ମା'ର ସହାୟତା ନେଲେ ଓ ରସାତଳଗାମୀ ହେଲେ ।

ସୀତାଙ୍କ ରସାତଳଗାମୀ ହେବା ଶ୍ରୀରାମଙ୍କୁ ଅତ୍ୟନ୍ତ ଦୁଃଖୀ କରିଥିଲା । ସେ ଜାଣିଥିଲେ, ତାଙ୍କର ପୃଥିବରୁ ଫେରିଯିବାର ସମୟ ନିକଟ । କାଳର ଭୟଙ୍କର ଯୋଜନାରେ ଲକ୍ଷ୍ମଣଙ୍କୁ ବନବାସ ଦଣ୍ଡ ଭୋଗିବାକୁ ପଡ଼ିଲା । କାରଣ ଥିଲା ଏହିପରି ।

ଦେବତାମାନେ ଜାଣିଥିଲେ ଶ୍ରୀରାମଙ୍କ ଦୁର୍ବଳତା ସୀତା ଓ ଲକ୍ଷ୍ମଣ । ସୀତା ରସାତଳଗାମୀ ହେଲେ । ଏବେ ରହିଲେ ଲକ୍ଷ୍ମଣ । ପ୍ରଭୁ ଶ୍ରୀରାମ ଲକ୍ଷ୍ମଣଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ । ଲକ୍ଷ୍ମଣ ମଧ୍ୟ ତାଙ୍କର ଅଂଶବିଶେଷ ଥିଲେ କାରଣ ତାଙ୍କ ଜନ୍ମର କାରଣ ସମାନ ଚରୁଅନ୍ନ ଥିଲା ।

ବ୍ରହ୍ମା ଶ୍ରୀରାମଙ୍କୁ ବୈକୁଣ୍ଠ ଫେରିଯିବାକୁ ଚାହିଁଲେ କାରଣ ଶ୍ରୀରାମଙ୍କ ମର୍ତ୍ତ୍ୟ ଲୀଳା ସମାପ୍ତ ହୋଇଛି । ସେଥିଲାଗି ସେ କାଳପୁରୁଷଙ୍କୁ ଶ୍ରୀରାମଙ୍କ ପାଖକୁ ପଠାଇଲେ । କାଳପୁରୁଷ ଗୁପ୍ତରେ ଶ୍ରୀରାମଙ୍କ ସହିତ କଥା ହେଉଥିଲେ ଓ ସର୍ତ୍ତ ରଖିଥିଲେ ଯେ ତାଙ୍କ କଥାବାର୍ତ୍ତା ବେଳେ ତାଙ୍କ କୋଠରିରେ କେହି ପ୍ରବେଶ କରିବେ ନାହିଁ । ବ୍ରହ୍ମା ଯୋଜନା କରି ସେହି ସମୟରେ ମହର୍ଷି ଦୁର୍ବାସାଙ୍କୁ ରାମଙ୍କ ପାଖକୁ ପଠାଇଲେ । ସେତେବେଳେ ଲକ୍ଷ୍ମଣ ଦ୍ୱାରପାଳର କାମ କରୁଥିଲେ । ମହର୍ଷି ଦୁର୍ବାସାଙ୍କ କୋପ ସର୍ବଜନ ବିଦିତ । ତେଣୁ ନିଜେ ପଛେ ମୃତ୍ୟୁବରଣ କରିବେ, ଅନ୍ୟ ଭାଇମାନଙ୍କୁ ବଂଚାଇବାକୁ ଲକ୍ଷ୍ମଣ କାଳପୁରୁଷ ଓ ରାମ ଥିବା କୋଠରିକୁ ଗଲେ ଓ ଶ୍ରୀରାମଙ୍କୁ ଦୁର୍ବାସା ଋଷିଙ୍କ ଆସିବା ଖବର ଦେଲେ ।

ଛଦ୍ମବେଶୀ କାଳ ପୁରୁଷର ସର୍ତ୍ତ ଅନୁସାରେ ଲକ୍ଷ୍ମଣଙ୍କୁ ମୃତ୍ୟୁ ଦଣ୍ଡ ମିଳିବା କଥା । ମାତ୍ର ଶ୍ରୀରାମ ଲକ୍ଷ୍ମଣଙ୍କୁ ମୃତ୍ୟୁ ଦଣ୍ଡ ନଦେଇ ତାଙ୍କୁ ତ୍ୟାଗ କଲେ । ସଂସାର ପ୍ରତି ଶ୍ରୀରାମଙ୍କର ମୋହ ତୁଟିଗଲା । ସେ ଭ୍ରାତା । ଭରତଙ୍କ ସହିତ କଥାବାର୍ତ୍ତା ହୋଇ ଲବକୁଶଙ୍କ ଅଭିଷେକ କଲେ । କାଳପୁରୁଷ ଶ୍ରୀରାମଙ୍କ ପ୍ରତ୍ୟାବର୍ତ୍ତନର ବାର୍ତ୍ତା ଦେଇ ସାରିଥିଲେ । ଶ୍ରୀରାମ ମଧ୍ୟ ଅନୁଭବ କଲେ- ତାଙ୍କ ମର୍ତ୍ତ୍ୟ ଲୀଳା ସରିଯାଇଛି । ସୀତା ଓ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ସେ ଆଉ ମର୍ତ୍ତ୍ୟ ଲୋକରେ ରହିବାକୁ ଚାହୁଁନଥିଲେ ।

ମାତା କୌଶଲ୍ୟା, କୈକେୟୀ ଓ ସୁମିତ୍ରାଙ୍କର ଦେହାନ୍ତ ହୋଇ ସାରିଥିଲା । ଶ୍ରୀରାମ ଓ ଭାଇମାନେ ମାତାମାନଙ୍କ ଶୁଦ୍ଧିକ୍ରିୟା ସାରିଥିଲେ ।

ରାମାୟଣ ଯୁଗର ଅନ୍ତ ହେବାକୁ ବସିଥିଲା । ଦେବତାମାନେ ଶ୍ରୀବିଷ୍ଣୁଙ୍କ ପ୍ରତ୍ୟାଗମନ ଲାଗି ଅପେକ୍ଷାରେ ଥିଲେ । ଶ୍ରୀରାମ ଚାଲିଚାଲି ସରଯୂ କୂଳରେ ପହଂଚିଲେ ଓ ଅଯୋଧ୍ୟାବାସୀଙ୍କୁ ଆଶୀର୍ବାଦ ଦେଇ ବ୍ରହ୍ମା ପଠାଇଥିବା ଦିବ୍ୟ ରଥରେ ଭାଇମାନଙ୍କ ସହିତ ବସି ବୈକୁଣ୍ଠ ଲୋକକୁ ପ୍ରତ୍ୟାଗମନ କଲେ । ଅଯୋଧ୍ୟାବାସୀ ପ୍ରଭୁ ଶ୍ରୀରାମଙ୍କ ଜୟଗାନ କଲେ ।

ପିଲାମାନେ, କରୋନା ସମୟରେ ରାମାୟଣ କଥା ଆରମ୍ଭ ହୋଇଥିଲା । ଖୁସିର କଥା, ଏବେ ଭାରତରେ କରୋନା କମିଯାଇଛି ଓ ଜୀବନ ସାଧାରଣ ହୋଇଉଠିଛି । ତୁମେମାନେ ତୁମ ସ୍କୁଲ କଲେଜକୁ ଯାଉଛ ଓ ନିୟମିତ ପଢ଼ାପଢ଼ି କରୁଛ । ତୁମମାନଙ୍କ ଆଗ୍ରହ ମୋତେ ରାମାୟଣ କଥା କହିବାରେ ସାହାଯ୍ୟ କଲା । ଭାରତର ତିନୋଟି ମହାନ ଗ୍ରନ୍ଥ ଭିତରେ ରାମାୟଣ ସର୍ବୋତ୍ତମ ଯାହା ପ୍ରଭୁ ଶ୍ରୀରାମଙ୍କ କଥା କୁହେ । ଆସ, ଆମେ ସମସ୍ତେ ମିଶି ପ୍ରଭୁ ଶ୍ରୀରାମ ଓ ମାତା ସୀତାଙ୍କୁ ପ୍ରାର୍ଥନା କରିବା ଓ ଆମ ରାଜ୍ୟ ଓଡ଼ିଶୀ, ଆମ ଦେଶ ଭାରତ ଓ ଆମ ପୃଥିବୀର ମଙ୍ଗଳ କାମନା କରିବା । ଜୟ ଶ୍ରୀରାମ ।

ମିନା ଅପା ରାମାୟଣ କଥା ସାରିଲେ ।

(ସମାପ୍ତ)

+ମୋ: ୯୯୮୦୩୦୦୭୫୧

ବାନ୍ଧବୀ ତ ହେବ ଏମିତି. . . . .

ନଗେନ୍ଦ୍ର ନାଥ ପଟ୍ଟନାୟକ

ସୀମା ଆଉ ବିନୀତା ଦୁଇ ବାନ୍ଧବୀ । ଦୁହିଙ୍କ ଭିତରେ ଘନିଷ୍ଠ ବନ୍ଧୁତା । ଦୁହେଁ ପରସ୍ପରକୁ ପ୍ରାଣଠୁ ବଳି ଭଲ ପାଉଥାନ୍ତି । ଜଣେ ଆର ଜଣକୁ ନିମିଷକ ନ ଦେଖିଲେ ରହିପାରେ ନାଇଁ । ସଂପର୍କ ଏତେ ନିବିଡ଼ି ଯେ ପାଣି ଗଳେ ନାହିଁ ସେ ଦୁହିଙ୍କ ଭିତରେ । ପିଲାବେଳୁ ଦୁହେଁ ଏକାସାଙ୍ଗରେ ବଡ ହୋଇଛନ୍ତି । ଲୋକମାନେ ପରସ୍ପର କୁହାକୁହି ହୁଅନ୍ତି - ବନ୍ଧୁତ ହେବ ଏମିତି...। ଦୁହିଙ୍କ ସଂପର୍କକୁ ସଚ୍ଚା ବନ୍ଧୁତ୍ୱର ଜ୍ୱଳନ୍ତ ନିଦର୍ଶନ ବୋଲି ସେମାନେ ଦୃଢତାର ସହ ଦାବି କରନ୍ତି । ଅଚାନକ ଦିନେ ସେମାନଙ୍କ ଜୀବନରେ ଏମିତି ଝଡ ଆସିଲା ଯେ ଆଖି ପିଛୁଳାକେ ଦୁହିଙ୍କ ସଂପର୍କକୁ ଓଲଟପାଲଟ କରିଦେଲା । କେହି ଜଣେ ସେ ଦୁହିଁଙ୍କ ଭିତରେ କାହିଁକି କେଜାଣି ଭୁଲ ବୁଝାମଣାର ବିଷମଂଜି ରୋପିଦେଇ ମଝିରେ ଅଲଗା ପାଚେରି ଛିଡା କରେଇଦେଲା । ଦୁହେଁ ମନେମନେ ଅସୁଖୀ ଥାନ୍ତି ସିନା କେହି ନିଜର ଅହଂଭାବ ଯୋଗୁ କଥାବାର୍ତ୍ତା କରୁନଥାନ୍ତି । କେହି କାହାକୁ ଆଡ ଆଖିରେ ଅନାଉ ନଥାନ୍ତି । ପରସ୍ପର ମୁହାଁମୁହିଁ ହୋଇଗଲେ ଖତେଇ ହେଲା ଭଳି ମୁହଁ ମୋଡିଦେଇ ବାଟଭାଙ୍ଗି ଚାଲି ଯାଉଥାନ୍ତି । ଅବୁଝା ମନ ଯେତେ ବୁଝାଇଲେ ବି ଆକଟ ମାନୁନି ।

ଥରେ କଲେଜର ପଦାର୍ଥବିଜ୍ଞାନ ପ୍ରଫେସର ସେ ଦୁହିଁଙ୍କ ବିରସ ମୁହଁରୁ ବଦଳିଯାଇଥିବା ସ୍ୱଭାବକୁ ବେଶ୍ ଠଉରେଇ ନେଲେ । ଦୁହିଙ୍କ ଭିତରେ ସୃଷ୍ଟ ତିକ୍ତ ସଂପର୍କକୁ ମଧୁର କରିବା ଉଦ୍ଦେଶ୍ୟରେ ସେ ମନେ ମନେ ବିଚାରିଲେ ।

ସେ ଦିନେ ଦୁଇଜଣଙ୍କୁ ପରୀକ୍ଷାଗାର ଭିତରକୁ ଡାକିଲେ ଓ ଦୁହିଙ୍କୁ ଗୋଟେ ଲେଖାଁ ପାତ୍ରରେ ପାଣି ନିଆଁ ବୁଲିରେ ଫୁଟାଇବାକୁ ନିର୍ଦ୍ଦେଶ ଦେଲେ । ନିଆଁବୁଲିରେ ପାଣି ଟକଟକ ଫୁଟିବାରୁ ସେ କହିଲେ ଏବେ ଏହାକୁ ଏମିତି ବ୍ୟବହାର କରିବା ତାର ସ୍ୱରୂପ ନ ବଦଳିଲେ ବି ସେ ପାଣିରେ ଯାହା ବି ପଡିବି ତାହା ବଦଳିଯିବ ।

ସୀମା ଟକ୍‌ଟକ୍ ଫୁଟୁଥିବା ଗରମ ପାଣିରେ କଂଚା ଆଳୁଟିଏ ପକେଇ ଦେଲା । ଆଳୁଟି ଯାହା ପହିଲେ ଟାଣ ଥିଲା ତାହା ଗରମ ପାଣିରେ ସିଝିଗଲା ପରେ ନରମ ହୋଇଗଲା । ସେମିତି ବିନୀତା ମଧ୍ୟ ଫୁଟା ଉଷୁମ ପାଣିରେ କୁକୁଡା ଅଣ୍ଡାଟିଏ ପକେଇ ଦେବାରୁ ତାହା କିଛି ସମୟ ପରେ ଟାଣ ହୋଇଗଲା । ପ୍ରଫେସର ଦୁହିଁଙ୍କୁ ଉପରେ ଖୁସିରେ ଆନନ୍ଦିତ ହୋଇ କହିଲେ- ତୁମେ ଦୁହେଁଯାକ ଖୁବ୍ ବଢିଆ କାମଟେ କରି ଦେଖାଇଲ । ତୁମେ ଦୁହେଁ ଯଦି ଏକାଭଳିଆ ଚିଜ୍‌କୁ ଟକ୍‌ଟକ୍ ଫୁଟାପାଣିରେ ପକେଇଥାନ୍ତ ତେବେ ପାଣିରେ ବିପରୀତ ଲକ୍ଷଣ ଦେଖପାରି ନଥାନ୍ତ । ଗୋଟିଏ ପଟେ ପାଣି ଟାଣପଣକୁ ନରମ କରି ଦେଉଥିବା ବେଳେ ଅନ୍ୟପଟେ ସେହି ପାଣି ନରମ ଚିଜ୍‌କୁ ଟାଣକରି ଦେଉଛି । ଠିକ୍ ସେମିତି ଏ ମନ ଫଟାଫଟି କେବଳ ତୁମ ଦୁହିଙ୍କ ବିପରୀତ ଦୃଷ୍ଟିକୋଣ ଯୋଗୁଁ ହୋଇଛି । ଏବେ ସୁନୀତା ଆଉ ସୀମା ପ୍ରଫେସରଙ୍କ ମର୍ମଭେଦୀ କଥାଟିକୁ ବେଶ୍ ବୁଝିଗଲେ । ସେ ଦୁହେଁଯାକ ପ୍ରଫେସରଙ୍କୁ କ୍ଷମା ମାଗିଲେ ଓ ପୁଣିଥରେ ଦୁହିଙ୍କ ଜୀବନରେ ପୂର୍ବଭଳି ସୁସମ୍ପର୍କ ଫେରିଆସିଲା ।

+ଓସ୍କାର ସିଟି, ପ୍ଲଟ ନଂ-୪୫୪,
ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ
ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ଇଏ ପରା ସାର କଥା

ନୀଳମଣି ଚାନ୍ଦ

ସଡ଼କର ବାମ ପଟେ ଚାଲିବାଟା ନିୟମ
କୁହନାଇଁ କେ ମାନୁଛି ଦୂରେଇ ତ ଦିଅମ
ଦୁର୍ଘଟଣା ଏଡାଏ
ସଡ଼କ ନିୟମ ଇଏ ଆମକୁ କେ ପଢାଏ ।
ଚାରା କିଛି ଲଗେଇକି ଗଛ କରି ବଢାଅ
ଶୁଣି କୁହ ନାଇଁ 'ଏତେ କିଆଁ ସବୁ ପଢ଼ାଅ'
ପରିବେଶ ପାଇଁରେ
ଦରକାରୀ, ଉପକାରୀ ଏ କି ଜଣାନାଇଁରେ ?
ଅଳିଆକୁ ଦିଅନାହିଁ ଏଣେତେଣେ ଫୋପାଡ଼ି
ଶୁଣି ଚାଲି ଯାଅନାହିଁ କେବେହେଲେ ଧପାଡି
ଭଲ ନୁହେଁ ଇଏରେ
ଇଏ ପରା ସାର କଥା କୁହ ଜାଣେ ଯିଏରେ ।
କଥା ନୁହଁ କାମପାଇଁ ଆସ ସବୁଆଗେଇ
ଭାବନି ମୁଁ ଏ କଥାକୁ କହୁଛିରେ ବାଗେଇ
କାମ କଲେ ସରସ
ଜୀବନରେ ଲଭିବରେ ଉନ୍ନତିର ପରଶ ।
ଆଜି କାମ ଆଜି କର କାଲି ପାଇଁ ରଖନା
ଶୁଣି କ୍ୱେ କୁହ ନାହିଁ ଆଉ ବେଶି ବକନା
ଉପଦେଶ ନୁହଁଇ
ଭଲ ଯିଏ ଭଲ କଥା ତା ମନକୁ ଛୁଅଁଇ ।

+ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

କବିତା

ତୁମ ପାଇଁ

କହିଲ ଦେଖି

ସୁନୀଲ କୁମାର ପ୍ରଧାନ

ଚାରି ଅକ୍ଷରରେ ନାମ ମୋହର
ଖରା ଦିନେ ମୋର ଭାରି ଆଦର ।

ସବୁଜ ଦେହଟି ଅଟେ ମୋହର
ଭିତରଟା ପୁରା ଲାଲ୍ ରଙ୍ଗର ।

ପ୍ରଥମ ଦ୍ୱିତୀୟ ମିଶାଇ ଦେଲେ
ଗତି ବୋଲି ତମେ ଜାଣିବ ପିଲେ ।

ଦ୍ୱିତୀୟ ଚତୁର୍ଥ ମିଶାଣ କଲେ
ଓଡ଼ିଶାର ଗଣ ପରବ ପିଲେ ।

ତୃତୀୟ ଚତୁର୍ଥ ଯୋଗ କରିଲେ
ହାତର ଅନ୍ୟ ନାମରେ ପିଲେ ।

ଖରା ଦିନେ ବେଶୀ ଦେଖା ଦିଅଇ
ପେଟକୁ ଆମର ଥଣ୍ଡା କରଇ ।

ଏହି ଉ ରଟି ଯିଏ କହିବ
ଶ୍ରେଣୀରେ ପ୍ରଥମ ସିଏ ହୋଇବ ।

ଉତ୍ତର - ତରଭୁଜ

ଝାଟିପଦର , ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬

ହସିବ ଜୀବନ ସରଣୀ

ଅଶୋକ କୁମାର ପ୍ରଧାନ



ପଚାରିଲା ସିପୁ ଆରେ ତପୁ ଭାଇ
ପାଗ ଗଲା କିଆଁ ବଦଳି
ଶ୍ରାବଣ ମାସରେ ବରଷା ବଦଳେ
ଖରା କିଆଁ କରେ ଅର୍ଦଳୀ ।

ଏ ଶ୍ରାବଣ ମାସେ ବୈଶାଖ ମାସଠୁ
ଖରା ଟାଣ କହ କାହିଁକି
ନୀଳ ଆକାଶରେ ମେଘ ମାଳ ସବୁ
ଆଗ ପରି ଆଉ ନାହିଁକି ?

ଖରା ପାଇଁ କିଆଁ ଗାଁ ଚାଷୀ କ୍ଷେତେ
ବିହନ ଏଯାଏ ବୁଣିନି
ଶ୍ରାବଣରେ ଏତେ ଖରା ହେବା କଥା
ସେ କାହାଠୁ କେବେ ଶୁଣିନି ।

ନଈ ପୋଖରୀର ଗରଭର ଜଳ
ଆଜି ଯାଏ କିଆଁ ଶୁଖିଲା
ଯାହାକୁ ଦେଖିବ କାହିଁକି କେଜାଣି
ସଭିଏଁ ମନରେ ଦୁଃଖିଲା ।

ସିପୁ କଥା ଶୁଣି ଦୁଃଖେ କହେ ତପୁ
ପାଗ ପରା ସବୁ ଓଲଟା
ପ୍ରକୃତି ଆଜି ତ ବିକୃତ ହୋଇଛି
ତେଣୁ ମାନୁନି ସେ ବୋଲଟା ।

ଏଇ ପ୍ରକୃତିଟା ବିକୃତ ହେବାରେ
ମଣିଷ ହିଁ ମୂଳ କାରଣ
ପ୍ରକୃତିକୁ ଭଲେ ଯତନ କରିକି
ଗଛ କଟା କର ବାରଣ ।

ଆଗପରି ଆମ ପ୍ରକୃତି ହୋଇଲେ
ହସି ଉଠିବ ଏ ଧରଣୀ
ଖରା କମିଯିବ ବରଷା ହୋଇବ
ହସିବ ଜୀବନ ସରଣୀ ।

+ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

ଆଉ ଜହ୍ନ ନୁହେଁ ମାମୁଁଘର

ଦୀପକ କୁମାର ମିଶ୍ର

ଜୁଲାଇ ଚଉଦ ଦିନଟିକୁ ଭାଇ
ଲେଖିଦେଲା ଜାତି ଗର୍ବ
ରଚିଗଲେ ପରା ଆମ ବୈଜ୍ଞାନିକ
ଚନ୍ଦ୍ରଯାନ ମହାପର୍ବ ।

ଅନ୍ତରୀକ୍ଷ ଦେଇ ଚନ୍ଦ୍ରଯାନ ଯାଇ
ଜହ୍ନରେ ଥାପିବ ପାଦ
ମାମୁଁଘର ନୁହେଁ ଏବେ ଆଉ ଜହ୍ନ
ରଖିଥା' ମନେ ସଙ୍ଗାତ ।

ଭାରତ ସାଜିଛି ପୃଥିବୀର ଗୁରୁ
ନିଜ ଜ୍ଞାନ କଉଶଳେ
ଶତ୍ରୁ ପଡୋଶୀଙ୍କ ଥରିଉଠେ ଛାତି
ପାରନ୍ତିନି ଆଉ ଛଳେ ।

ଛାଡ଼େ ଯେବେ ଯାନ ଦେଶର ପୃଷ୍ଠ
ହୋଇ ଅନ୍ତରୀକ୍ଷ ମୁହାଁ
ଫୁଲି ଉଠେ ଛାତି ଉଚ୍ଚା ହୁଏ ମଥା
ବିଶ୍ୱ କରେ ବାହାବାହା ।

ମନଧ୍ୟାନ ଦେଇ ବିଜ୍ଞାନ ପଢ଼ିବା
ଦେଶକୁ ନେବା ଆଗେଇ
କୋଟିରେ ଆମେ ଗୋଟିଏ ହୋଇବା
ଜ୍ଞାନକୁ ଜଗାଇ ଦେଇ ।

+ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦

ଟୁକୁନା ଗାଇଲା ବରଷା ଗୀତ

ପ୍ରଶାନ୍ତ କୁମାର ଦାଶ

ବଉଦ ଭାସିଲା ବରଷା ହେଲା
ବରଷା ଚାଷୀକୁ ଭରସା ଦେଲା
ମାଟିକୁ ଚଷିଲା ଚଷା
ଫସଲ କାଟି ସେ ଦୁନିଆକୁ ଦେବ
ବଞ୍ଚିବାର ନୂଆ ଆଶା ।

ବେଙ୍ଗୁଲୀ ଡେଇଁଲା ବରଷା ଦେଖି
ମୟୂର ନାଚିଲା ପୂଛକୁ ଟେକି
ଚାତକ ପିଇଲା ଜଳ
ଗଛରେ ଭରିଲା ଶାଗୁଆ ପତର
ମିଠା କୋଳି ଫୁଲ ଫଳ ।

ଘଡଘଡି ଡାକ ଶୁଣି ବିଲୁଆ
ଡରରେ ତା ଦେହ ହେଲା କାଲୁଆ
କିଆବୁଦା ମୂଳେ ଥାଇ
ରଡିକଲା ଅତି ଥରିଲା ତା ଛାତି
ବିଜୁଳି ଚମକ ପାଇ ।

ପଡିଆ ମଥାର ଶାଗୁଆ ଘାସ
ବରଷା ପରଶେ ଢ଼ାଳିଲା ହସ
ହଟିଗଲା ଟାଣ ଖରା
ନଈ ନାଳ କୂଅ ପୋଖରୀ ଝରଣା
ଜଳରେ ହୋଇଲା ଭରା ।

ଦିନ ବାହୁଡ଼ିଲା ଆସିଲା ସଞ୍ଜ
ଅଜା ଲଗେଇଲେ ମଜାରେ ଖଞ୍ଜ
ହେଲା କାଶ ଥଣ୍ଡା ଜର
ମାମୁ ଆଣିଦେଲେ ଦି ପାନ ଓଷଦ
ରହିଲାନି ଆଉ ଡର ।

ସକାଳ ସଞ୍ଜରେ ଲାଗିଲା ଶୀତ
ଟୁକୁନା ଗାଇଲା ବରଷା ଗୀତ
ବରଷା ବେଳରେ ଲୁସି
କାଗଜର ଡ଼ଙ୍ଗା ଭାସଇ ପାଣିରେ
ନାଚି କୁଦିହେଲା ଖୁସି ।

+କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ

ହରିଚନ୍ଦନପୁର, ୨୧/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ସିଂହବିଲା ମୂଷଳନଦୀ ନିକଟସ୍ଥ ବାଇପାସ୍ ରାସ୍ତା ପାର୍ଶ୍ୱରେ ମିଳିଥିବା ନାବାଳିକାର ମୃତଦେହର ପର୍ଦ୍ଦାଫାଶ କରିଛି ପୋଲିସ୍ । ସୂଚନା ଅନୁଯାୟୀ ଗତ ୧୮ ତାରିଖ ସୋମବାର ସକାଳ ସମୟରେ ନାବାଳିକାକୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅବସ୍ଥାରେ ଅର୍ଦ୍ଧଲଗ୍ନ ମୃତଦେହ ଉଦ୍ଧାର ହୋଇଥିଲା । ଯାହାକି ଏକ ଛାତିଥରା ଜଘନ୍ୟ ଘଟଣା ହୋଇଥିବାବେଳେ ଏ ଅଂଚଳର ଲୋକଙ୍କୁ ସ୍ତବ୍ଧ କରିଦେଇଥିଲା । ଘଟଣାକୁ ନେଇ ଜିଲ୍ଲା ଅରକ୍ଷୀ ଅଧିକ୍ଷକ ନିତିନ କୁଶଲ କର ଡ଼ାଗୁଡୁଙ୍କ ନିର୍ଦ୍ଦେଶ କ୍ରମେ ସାଇଂଟିଫିକ୍ ଟିମ, ଘଟଗାଁ ଏସଡିପିଓ ଆଲୋକ କୁମାର ଜେନା, ହରିଚନ୍ଦନପୁର ଥାନା ଅଧିକାରୀ ପ୍ରଫୁଲ୍ଲ କୁମାର ବାର୍ଲା, ଅତିରିକ୍ତ ତହସିଲଦାର ବିରାମ କିସ୍କୁ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଥିଲେ । ଉକ୍ତ ଘଟଣାକୁ ନେଇ ଅଭିଯୁକ୍ତକୁ ଅଟକ ରଖି ମାରାଥନ୍ ଜେରା କରିବା ପରେ ଘଟଣାର ପର୍ଦ୍ଦାଫାଶ କରିଛି ହରିଚନ୍ଦନପୁର ପୋଲିସ । ମୃତ ନାବାଳିକା ଜଣଙ୍କ ଘସିପୁରା ଥାନା ମୁରାବାଲି ଗ୍ରାମ ୧୫ ନମ୍ବର ୱାର୍ଡର କୈଳାସ ମୁଖୀଙ୍କ ସାନ ଝିଅ ରଶ୍ମିତା(୧୫) ବୋଲି ଜଣାପଡିଛି । ଅଭିଯୁକ୍ତ ଯୁବକ ଜଣଙ୍କ ସେହି ଗ୍ରାମ ୧୪ ନମ୍ବର ୱାର୍ଡର ରବିନ୍ଦ୍ର ପାତ୍ରଙ୍କ ପୁଅ ପୁପୁନ ପାତ୍ର(୩୦) । କୈଳାସଙ୍କ ଦୁଇ ଝିଅ ବନିତା ଓ ରଶ୍ମିତା ତାମିଲନାଡୁର ଏକ ସୂତା କଳରେ କାମ କରନ୍ତି । ରଶ୍ମିତା ଟ୍ରେନରେ ଯାଜପୁର ପର୍ଯ୍ୟନ୍ତ ଆସି ସେଠାରୁ ଅଟୋରିକ୍ସାରେ ଆନନ୍ଦପୁର ମେଡ଼ିକାଲ ପର୍ଯ୍ୟନ୍ତ ଆସିଥିଲା । ସେହି ସମୟରେ ପୁପୁନ ସେଠାରେ ପହଂଚିଥିଲା । ଶ୍ରୀ ମୁଖୀଙ୍କ ପରିବାର ସହ ପୁପୁନର ପୂର୍ବରୁ ଚିହ୍ନା ପରିଚୟ ଥିଲା । ରଶ୍ମିତା ଘରକୁ ଯିବା ପରିବର୍ତେ ମାମୁଁ ଘର ହରିଚନ୍ଦନପୁର ଥାନା ଶଙ୍କରପୁର ଗ୍ରାମକୁ ଯିବା ପାଇଁ ପୁପୁନକୁ କହିଥିଲା । ପୁପୁନ ରଶ୍ମିତାକୁ ବାଇକ (ଓଡ଼ି ୦୯ ଏଚ ୧୫୮୩)ରେ ବସାଇ ହରିଚନ୍ଦନପୁର ଅଭିମୁଖେ ଆସିଥିଲା । ହରିଚନ୍ଦନପୁର ବଜାର ପରିବର୍ତେ ବାଇକଟି ବାଇପାସ ରାସ୍ତାରେ ନେବାବେଳେ ରଶ୍ମିତା ବିରୋଧ କରିଥିଲା । ବାଇପାସ ରାସ୍ତାର ମୁଷଳ ନଦୀ ପୂର୍ବ ଆପ୍ରୋଚ ରାସ୍ତା କଡରେ ପୁପୁନ ବାଇକ ରଖି ରଶ୍ମିତାକୁ ଶାରୀରିକ ସମ୍ପର୍କରେ ରଖିବାପାଇଁ ବାଧ କରିଥିଲା । ଏହାକୁ ରଶ୍ମିତା ବିରୋଧ କରିଥିଲା । ଫଳରେ ପୁପୁନ ରାଗିଯାଇ ରଶ୍ମିତାକୁ ରାସ୍ତାରୁ ତଳକୁ ଠେଲି ଦେଲା । ରଶ୍ମିତା ୨୫ ଫୁଟ ତଳକୁ ଖସି ପଡ଼ିଲା । ପୁପୁନ ତଳକୁ ଯାଇ ରଶ୍ମିତାକୁ ଧର୍ଷଣ କରିବାପରେ ତାର ଓଢଣୀରେ ବେକକୁ ଚିପି ହତ୍ୟା କରିଥିଲା । ଏଥିସହିତ ମୁଁହକୁ ପଥରେ ଛେଚି ପକାଇଥିଲା । ଘଟଣାର ସମସ୍ତ ତଥ୍ୟ ପ୍ରମାଣ ପାଇବା ପରେ ଥାନା କେଶ ନମ୍ବର ୧୦୦/୨୩ ଦଫା ୩୦୨, ୨୦୧, ୩୬୭(+୩), ୦୬ (ପୋସ୍କ ଆକ୍ଟ) ରୁଜୁ କରି ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି ପୋଲିସ୍ ।

ବରଦା ବ୍ୟାଙ୍କ ପକ୍ଷରୁ ଦୃଷ୍ଟିହୀନ ବିଦ୍ୟାଳୟକୁ ଆକ୍ୱାଗାର୍ଡ ପ୍ରଦାନ

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): ବ୍ୟାଙ୍କ ଅଫ୍ ବରଦା କେନ୍ଦ୍ରାପଡା ଟାଉନ ଶାଖା ପକ୍ଷରୁ ଅଯୋଧ୍ୟାନଗର ସ୍ଥିତ ପୌରସଂସ୍ଥା ପରିଚାଳିତ ଦୃଷ୍ଟିହୀନ ବିଦ୍ୟାଳୟକୁ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇ ଥିବା ଜଣାପଡିଛି । ବ୍ୟାଙ୍କ ଅଫ୍ ବରଦାର ୧୧୬ ତମ ପ୍ରତିଷ୍ଠା ଦିବସ ଅବସର ରେ ଏଠାରେ ପଢୁଥିବା ଦୃଷ୍ଟିବାଧିତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ ନିମନ୍ତେ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି । ବ୍ୟାଙ୍କ ପରିଚାଳକ ସୁବ୍ରତ ମହାପାତ୍ର, ସହକାରୀ ଶିକ୍ଷୟିତ୍ରୀ ସୋନାଲିକା ସ୍ୱାଇଁ ଓ ଦୃଷ୍ଟିହୀନ ଶିକ୍ଷକ ଅରୁଣ କୁମାର ବେହେରାଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ଥିଲେ ।

ଅପରାଧୀଙ୍କୁ ଧରିବାକୁ ନୂଆ କୌଶଳ: ଥାନା ଓଏପିଏଫ୍‌ଙ୍କୁ ସାଇଣ୍ଟିଫିକ୍ ଅଫିସର ଦାୟିତ୍ୱ

କଟକ, ୨୧/୦୭ (ନି.ପ୍ର): ଚୋର, ଲୁଟେରାଙ୍କୁ ସହଜରେ ଧରିବା ଏବଂ ଅଦାଲତରେ ଦୋଷୀ ସାବ୍ୟସ୍ତ କରିବା ପାଇଁ ପୁଲିସ ନୂଆ କୌଶଳ ଗ୍ରହଣ କରିବାକୁ ଯାଉଛି । ଏକ୍ଷେତ୍ରରେ ଫରେନସିକ୍ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହୁଛି । ତେବେ ଅନେକ ସମୟରେ ଦୁର୍ବଳତା ଯୋଗୁଁ ଅପରାଧୀ ଧରା ପଡୁ ନଥିବା ବେଳେ ଅଦାଲତରେ ଦୋଷୀ ସାବ୍ୟସ୍ତ ହୋଇ ପାରୁ ନାହାନ୍ତି । ପ୍ରତ୍ୟେକ ମାମଲାରେ ଜିଲ୍ଲା ଫରେନସିକ୍ ସାଇନ୍ସ ଲାବୋରେଟୋରିର ଅଫିସର ପହଞ୍ଚି ଅପରାଧୀଙ୍କ ଆଙ୍ଗୁଠି ଛାପ, ପାଦ ଛାପ ସମେତ ଅନ୍ୟାନ୍ୟ ନମୁନା ସଂଗ୍ରହ କରିବା ସମ୍ଭବପର ହୁଏନାହିଁ । କେବଳ ବଡ଼ ଧରଣର ଡକାୟତି ମାମଲା କିମ୍ବା ହତ୍ୟାକାଣ୍ଡରେ ସାଇଣ୍ଟିଫିକ୍ ଅଫିସର(ଏସଓ) ଘଟଣା ସ୍ଥଳକୁ ଆସି ନମୁନା ସଂଗ୍ରହ ଓ ପ୍ୟାକିଂ କରି ଲାବୋରେଟୋରିକୁ ପଠାଇଥାନ୍ତି । ଏଣିକି ପ୍ରତ୍ୟେକ ସମ୍ପତ୍ତି ଜନିତ ଅପରାଧିକ ମାମଲାରେ କଟକ କମିସନରେଟ୍ ପୁଲିସରେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରିବା ପାଇଁ ଜଣେ ଲେଖାଏ ଓଏପିଏଫ୍(ଓଡ଼ିଶା ଅକଜୁଲାରି ପୁଲିସ ଫୋର୍ସ)ଙ୍କୁ ପ୍ରତ୍ୟେକ ଥାନାରେ ସ୍ୱତନ୍ତ୍ର ଭାବେ ଫରେନସିକ ଅଫିସର ଦାୟିତ୍ୱ ଦିଆଯାଇଛି । ଫରେନସିକ୍ ଅଫିସରଙ୍କ ଭଳି ଏମାନେ ବି ନମୁନା ସଂଗ୍ରହ, ଜବତ ଓ ଯାଞ୍ଚ ପାଇଁ ଲାବୋରେଟୋରିକୁ ପଠାଇବା କ୍ଷେତ୍ରରେ ସହଯୋଗ କରିବେ । ସିନ୍ଧି ଚୋରି, ଚୋରି, ଠକେଇ, ଛିନତାଇ ଭଳି ଅପରାଧ ମାମଲା ସଂଖ୍ୟା ବଢ଼ିବା ପୁଲିସ ପାଇଁ ସବୁଠାରୁ ଅଧିକ ଚିନ୍ତାଜନକ ହୋଇଥିବାରୁ ଏଭଳି ନି ?ଷ୍ପତ୍ତି ନିଆଯାଇଛି । ତଥ୍ୟ ଅନୁଯାୟୀ କଟକ ସହରରେ ଲୁଟ୍, ଚୋରି ଭଳି ଅପରାଧ ବର୍ଷକୁ ହାରାହାରି ଭାବେ ୧ ହଜାରରୁ ଅଧିକ ଘଟୁଛି । ୨୦୨୧ରେ ଏଭଳି ୯୧୧ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ରେ ୧୧ଶହ ୭୧, ୨୦୧୯ରେ ୧ ହଜାର ୩୪, ୨୦୧୮ରେ ୯୮୮, ୨୦୧୭ରେ ୯୨୨ଟି ମାମଲା ରୁଜୁ ହୋଇଛି । ଗଲା ୫ ବର୍ଷ ଭିତରେ ଏଭଳି ଅପରାଧ ମାମଲା ସଂଖ୍ୟା ରହିଛି ୫ ହଜାର ୨୬ । ଥାନା ସ୍ତରରେ ନିଯୁକ୍ତ ଜଣେ ଲେଖାଏ ଓଏପିଏଫ୍ କର୍ମଚାରୀଙ୍କୁ ଇତିମଧ୍ୟରେ ତାଲିମ ଦିଆଯାଇଛି । ସେମାନଙ୍କୁ ରସୁଲଗଡ଼ ଫରେନସିକ୍ ସାଇନ୍ସ ଲାବୋରଟୋରିର ଏସଓଙ୍କ ଦ୍ୱାରା ଦୁଇ ମାସିଆ ତାଲିମ ପ୍ରଦାନ କରାଯାଇଛି । ଏହାବାଦ୍ ପ୍ରତି ବର୍ଷ ଜିଲ୍ଲା ସ୍ତରରେ ଜିଲ୍ଲା ଫରେନସିକ୍ ସାଇନ୍ସ ଲାବୋରେଟୋରିର ଏସଓଙ୍କ ଦ୍ୱାରା ମଧ୍ୟ ତାଲିମ ଦେବାକୁ ନିଷ୍ପତ୍ତି ହୋଇଛି । ମୁଖ୍ୟତଃ ଚୋରି, ଲୁଟ୍ ଜନିତ ଅପରାଧୀକ ମାମଲାରେ ତଦନ୍ତକାରୀ ଅଧିକାରୀଙ୍କ ସହିତ ଥାନାରେ ଥିବା ଏହି ଓଏପିଏଫ୍ କର୍ମଚାରୀ ପହଞ୍ଚି ଅଲଟ୍ରା ଭାଓଲେଟ୍ ଲାଇଟ୍ ବ୍ୟବହାର କରି ଆଙ୍ଗୁଠି ଛାପ, ପାଦ ଛାପ ଇତ୍ୟାଦି ସଂଗ୍ରହ କରିବେ । ଏଗୁଡିକ କିଭଳି ଠିକ ଢଙ୍ଗରେ ସଂଗ୍ରହ କରାଯାଇ ପ୍ୟାକିଂ କରି ଲାବୋରେଟୋରିକୁ ପଠାଯିବ, ସେ ଦିଗରେ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରିବେ । ଏହି ନମୁନା ଲାବୋରେଟୋରିକୁ ପଠାଇ ଏହାକୁ ଅନ୍ୟ ଅପରାଧୀଙ୍କ ଆଙ୍ଗୁଠି ଓ ପାଦ ନମୁନା ସହିତ ମେଳ କରାଯିବ । ଏହାଫଳରେ ପେସାଦାର ଦୁର୍ବୃତ୍ତଙ୍କୁ ତୁରନ୍ତ ଠାବ କରିବା କ୍ଷେତ୍ରରେ ତଦନ୍ତକାରୀ ଅଧିକାରୀଙ୍କୁ ସହଜ ହୋଇପାରିବ । ଏଥିପାଇଁ ପ୍ରତ୍ୟେକ ଓଏପିଏଫ୍ କର୍ମଚାରୀଙ୍କୁ ଲାବୋରେଟୋରି ପକ୍ଷରୁ ଏକ କିଟ୍ ପ୍ରଦାନ କରାଯାଇଥିବା ସୂଚନା ମିଳିଛି ।

ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀଙ୍କୁ ସମ୍ବର୍ଦ୍ଧନା

ଖୋର୍ଦ୍ଧା, ୨୧/୦୭ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ ତଥା ବ୍ୟାଙ୍କ ଅଫ ବରୋଦାର ୧୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଜପୁର ଅଂଚଳର ମହାନ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ଧର୍ମପତ୍ନୀ ଲକ୍ଷ୍ମୀ ଦିବ୍ୟାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ବରିଷ୍ଠ ଶାଖା ପରିଚାଳକ ସତୀଶ କୁମାର ବାରିକ ଶ୍ରୀମତୀ ଦିବ୍ୟାଙ୍କୁ ଅଙ୍ଗବସ୍ତ୍ର, ଫୁଲତୋଡ଼ା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଫିସର ସୌମ୍ୟା ବାଗୁଡ଼ିଆ, କର୍ମଚାରୀ ନିତ୍ୟାନନ୍ଦ ବାରିକ, ଶ୍ରୀମତୀ ଦିବ୍ୟାଙ୍କ ପୁତ୍ରବଧୂ ମନୋରମା ନନ୍ଦ ଓ ନାତୁଣୀବୋହୂ ରାଜଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁ ପ୍ରତିପାଳନ ଯତ୍ନ ପାଇଁ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୨୧/୦୭ (ନି.ପ୍ର): ଆଜି ଅପରାହ୍ନ ୧୧ ଘଟିକା ସମୟରେ କେନ୍ଦ୍ରାପଡ଼ା ପ୍ରଦକ୍ଷଣ ଭବନ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଶିଶୁ ପ୍ରତିପାଳନ ଯତ୍ନ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ପ୍ରଶାସନ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଅନୁକୂଲ୍ୟ ଓ ଏଲ୍‌ଡବ୍ଲ୍ୟୁବି ସହଭାଗୀତାରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ଓ ଅବହେଳିତ ଶିଶୁମାନଙ୍କ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟର ଯତ୍ନ ସହ ସେମାନଙ୍କ ଭବିଷ୍ୟତ କିପରି ଉଜ୍ଜଳମୟ ହେବ ଏବ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ଭାଗିଦାର କରି ସାମାଜିକ ମୂଲ୍ୟବୋଧକୁ ପ୍ରତିପାଦିତ କରିବା ଉକ୍ତ ବୈଠକର ମୂଳ ଉଦ୍ଦେଶ୍ୟ ଓ ବୈଠକ ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ବିଜୟ କେତନ ସାହୁ ଉପସ୍ଥିତ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ବିଷୟରେ ବିଷଦ ବିବରଣୀ ଉପସ୍ଥାପନ କରିଥିଲେ ଓ ବୈଠକରେ ନିର୍ଦ୍ଦେଶକ ଶ୍ରୀ ଅନୁପମ ସରକାର, ପରିଚାଳକ ଅନ୍ତରା ବିଶ୍ୱାସ ଓ ସହକାରୀ ପରିଚାଳକ ଶ୍ରୀ ତପନ କୁମାର ଦାସ ଶିଶୁମାନଙ୍କ ପ୍ରତିପାଳନ କାର୍ଯ୍ୟକ୍ରମ ଭାରତ, ଚୀନ, ଉଗାଣ୍ଡା ଓ କାମ୍ବୋଡ଼ିଆ ଦେଶରେ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତ ରଖିଥିଲେ ଓ ଆମ ରାଜ୍ୟ ର ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାରେ ଚାଲିଥିବା ଏହି ଯୋଜନା ର ସଫଳତା ବିଷୟରେ ସଭାକୁ ଅବଗତ କରାଇଥିଲେ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଶୁ ସୁରକ୍ଷା ଭଳି ମହତ କାର୍ଯ୍ୟକୁ ସଫଳ ରୂପାୟନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାମଲ ଉପସ୍ଥିତ ସଦସ୍ୟ/ସଦସ୍ୟା ଓ ସ୍ୱଚ୍ଛାସେବୀ ସଂଗଠନଙ୍କ ସହଯୋଗ ଓ ଉତ୍ସର୍ଗୀକୃତ ସେବା ଭାବନା ନିମନ୍ତେ ଆଶାବ୍ୟକ୍ତ କରିଥିଲେ ଓ ଅନ୍ୟ ଜିଲ୍ଲା ଅପେକ୍ଷା ଆମ ଜିଲ୍ଲାରେ ଏହା କିପରି ଅଧିକ କ୍ରିୟାଶୀଳ ହୋଇପାରିବ ଓ ଏବ ଅବହେଳିତ ଶିଶୁମାନଙ୍କ ଭବିଷ୍ୟତ କିପରି ଉଜ୍ଜଳମୟ ହୋଇପାରିବ, ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ଉକ୍ତ ବୈଠକରେ ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ, ସଦସ୍ୟ, ବର୍ତମାନର ସଦସ୍ୟ , କିଶୋର ନ୍ୟାୟ ବୋର୍ଡ଼ର ସଦସ୍ୟ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତା , ସ୍ୱଚ୍ଛାସେବୀ ସଂଗଠନର କର୍ମକର୍ତା, ସମସ୍ତ ବିଭାଗୀୟ ଅଧିକାରୀ ଉକ୍ତ ବୈଠକରେ ଯୋଗ ଦେଇ ନିଜସ୍ୱ ମତାମତ ସହିତ ଏହାର ସୁଫଳ ନିମନ୍ତେ ସହଯୋଗ ପାଇଁ ମତବ୍ୟକ୍ତ କରିଥିଲେ ଓ ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ବିଜୟ କେତନ ସାହୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

ଭିକାରି ରାକେଟ ନେଇ ରାଜ୍ୟ ସରକାରଙ୍କୁ ଏନଏଚଆରସିଙ୍କ ଚେତାବନୀ: ନିରାକରଣ ଏବଂ ନିୟନ୍ତ୍ରଣ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର , ୨୧/୦୭ (ନି.ପ୍ର): ଭିକାରି ରାକେଟ୍‌କୁ ନେଇ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗକୁ ଅନ୍ତିମ ଚେତାବନୀ ଦେଇଛନ୍ତି ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) । ଏସଂକ୍ରାନ୍ତରେ ରିପୋର୍ଟ ପ୍ରସ୍ତୁତ ସହିତ ଏହାର ନିରାକରଣ ଏବଂ ନିୟନ୍ତ୍ରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ ହୋଇଛି ସେ ନେଇ ରିପୋର୍ଟ ଦାଖଲ ପାଇଁ କୁହାଯାଇଛି । କୌଣସି ପରିସ୍ଥିତିରେ ଏହି ରିପୋର୍ଟ ଦାଖଲ କରିବାରେ ବିଭାଗ ବିଫଳ ହେଲେ ବ୍ୟକ୍ତିଗତ ଭାବରେ ହାଜର ହେବା ପାଇଁ ନିର୍ଦ୍ଦେଶ ହୋଇଛି । ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଭିକାରି ରାକେଟର ଦୁଇଟି ଘଟଣା ସହିତ ଏକ ପିଟିସନ ଏନଏଚଆରସିଙ୍କ ନିକଟରେ ଦାଖଲ କରିବା ପରେ ଏହି ନିର୍ଦ୍ଦେଶ ହୋଇଛି । ପିଟିସନରେ କୁହାଯାଇଛି, ଆଜିବି ଓଡ଼ିଶାରେ ଭିକାରି ରାକେଟ ସକ୍ରିୟ ଥିବାରୁ ଗରିବ ଶିଶୁ, ମହିଳା ଏବଂ ଭିନ୍ନକ୍ଷମଙ୍କୁ ଜୋର ଜବରଦସ୍ତି ଏଥିରେ ସାମିଲ କରାଯାଉଛି । କିଛି ଦିନ ପୂର୍ବରୁ ଗଞ୍ଜାମ ଜିଲ୍ଲାର ଜଣେ ବ୍ୟକ୍ତିଙ୍କ ମଦ୍ୟପାନ ଅଭ୍ୟାସ ଯୋଗୁଁ ୩ ନାବାଳକ ଭିକାରି ରାକେଟର ଶିକାର ହୋଇଥିଲେ । ଏହାକୁ ନେଇ ରିପୋର୍ଟ ଦାଖଲ ପାଇଁ ଓଡ଼ିଶା ସରକାରଙ୍କୁ କୁହାଯାଇଥିଲେ ମଧ୍ୟ ରିପୋର୍ଟ ଦାଖଲ ହୋଇ ନାହିଁ । ମହାରାଷ୍ଟ୍ରର ସୋଲାପୁରର ଶିଶୁମାନଙ୍କୁ ଏଭଳି ରାକେଟରେ ସାମିଲ କରିବା ପାଇଁ ବଳପୂର୍ବକ ଅପହରଣ କରାଯାଉଛି । ରାସ୍ତାକଡ଼ର ଭିକାରିମାନଙ୍କ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ସ୍କାଇଲ ଉପ-ଯୋଜନା ହାତକୁ ନିଆଯାଇଛି । ଏହାର ଅନ୍ତର୍ଗତରେ ଭିକାରିଙ୍କ ପାଇଁ ଆଶ୍ରୟ ଗୃହ, ଖାଦ୍ୟ, ପୋଷାକ, ସ୍ୱାସ୍ଥ୍ୟ ଯତ୍ନ, କାଉନସେଲିଂ ଏବଂ ଥଇଥାନ କରାଯାଉଛି । ଥଇଥାନ କାର୍ଯ୍ୟକ୍ରମ ଅନ୍ତର୍ଗତରେ ଶିକ୍ଷା ପାଇଁ ବ୍ରିଜ ପାଠ୍ୟକ୍ରମ, ଦକ୍ଷତା ବୃଦ୍ଧି, ଭୋକେସନାଲ ଟ୍ରେନିଂ ସହିତ ବ୍ୟବସାୟ ପାଇଁ ସରକାରୀ ସହାୟତାର ବ୍ୟବସ୍ଥା ରହିଛି । ସୂଚନା ଅନୁଯାୟୀ, ବର୍ତ୍ତମାନ ଦେଶର ୧୯ ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭାବରେ ଭିକାରି ନିରୋଧ ଆଇନ ରହିଛି ।

ଅନିଶ୍ଚିତତାରେ ଝାରସୁଗୁଡ଼ା ବିମାନବନ୍ଦର ଭବିଷ୍ୟତ: କ୍ଷତି ସହୁଛନ୍ତି ଏୟାରଲାଇନ୍ସ କମ୍ପାନି

ଝାରସୁଗୁଡା , ୨୧/୦୭ (ନି.ପ୍ର): ଝାରସୁଗୁଡ଼ାସ୍ଥିତ ଭିଏସ୍‌ଏସ୍ ବିମାନ ବନ୍ଦରର ଭବିଷ୍ୟତ ଅନିଶ୍ଚିତତା ଦେଇ ଗତିକରୁଛି । ବିମାନରେ ଯାତ୍ରା ପାଇଁ ଲୋକଙ୍କ ଆଗ୍ରହ ହ୍ରାସ ପାଉଥିବାରୁ କ୍ଷତିରେ ଚାଲିଛନ୍ତି ଏୟାରଲାଇନ୍ସ କମ୍ପାନି । କମ୍ପାନିଙ୍କ କହିବା ଅନୁସାରେ, ଗତ ୧୫ ଦିନ ହେଲା ବିମାନର ପ୍ରତି ଟ୍ରିପରେ ଖର୍ଚ୍ଚ ହେଉଥିବା ଇନ୍ଧନର ୫୦ ପ୍ରତିଶତ ଟଙ୍କା ବି ଟିକଟରୁ ବାହାରିପାରୁନି । ଏ ନେଇ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ ତିୱାରିଙ୍କୁ ପଚାରିବାରେ ଏ ସମ୍ପର୍କରେ କିଛି ଉତ୍ତର ଦେଇ ହେବନି ବୋଲି କହିଛନ୍ତି । ବିମାନରେ ଯାତ୍ରୀ ଯିବା ଆସିବାର ଏକ ଟ୍ରେଣ୍ଡ ଥାଏ । ସେ ହିସାବରେ କେବେ ଯାତ୍ରୀ ସଂଖ୍ୟା ହ୍ରାସ ପାଇଥାଏ ତ କେବେ ବଢ଼ିଥାଏ ବୋଲି ଶ୍ରୀ ତିୱାରି କହିଛନ୍ତି । ଏବେ ଝାରସୁଗୁଡା ବିମାନ ବନ୍ଦରରୁ ୨ଟି କମ୍ପାନିର ବିମାନ ଭୁବନେଶ୍ୱର, ଦିଲ୍ଲୀ, କୋଲକାତା ଓ ହାଇଦ୍ରାବାଦକୁ ଯାତ୍ରା କରୁଛି । ତାହା ପୁଣି ଦୈନିକ ଗୋଟିଏ ଥର ଲେଖାଏଁ । ଗତ ୮ ଦିନର ବିମାନରେ ଯାତ୍ରା କରୁଥିବା ଯାତ୍ରୀ ସଂଖ୍ୟାକୁ ଅନୁଧ୍ୟାନ କଲେ ଗତ ୮ ତାରିଖରେ ଏହି ବିମାନ ବନ୍ଦରରୁ ୪ଟି ବିମାନ ଯୋଗେ ମୋଟ୍ ୨୨୦ ଜଣ, ୧୧ ତାରିଖରେ ୨୧୯ ଜଣ, ୧୨ ତାରିଖରେ ୧୮୯ ଜଣ, ୧୩ ତାରିଖରେ ୨୨୧ ଜଣ, ୧୪ ତାରିଖରେ ୨୩୬ ଜଣ, ୧୫ ତାରିଖରେ ୩୨୮ ଜଣ, ୧୬ ତାରିଖରେ ୨୯୧ ଜଣ, ୧୭ ତାରିଖରେ ୧୮୪ ଜଣ ଯାତ୍ରା କରିଛନ୍ତି । ଅର୍ଥାତ୍ ମୋଟ୍ ୪ଟି ବିମାନରେ ହାରାହାରି ଦୈନିକ ୨୩୬ ଜଣ ଯାତ୍ରା କରିଛନ୍ତି । କୋଲକାତା ଓ ଭୁବନେଶ୍ୱରକୁ ଯାତ୍ରା କରୁଥିବା ଏଲାଏନ୍ସ ଏୟାର ବିମାନଟି ୭୨ ସିଟର ହୋଇଥିବା ବେଳେ ଦିଲ୍ଲୀ ଯାଉଥିବା ସ୍ପାଇସ୍ ଜେଟ୍ ବିମାନରେ ୧୪୫ ସିଟ୍ ଓ ହାଇଦ୍ରାବାଦ ଯାଉଥିବା ବିମାନରେ ୮୦ ସିଟ୍ ରହିଛି । ୪ଟି ବିମାନର ମୋଟ ସିଟ୍ ୩୬୯ ହୋଇଥିବା ବେଳେ ଦୈନିକ ୧୩୩ ସିଟ୍ ଖାଲି ପଡ

୭୭ତମ ସ୍ୱାଧୀନତା ଦିବସ -୨୦୨୩ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାରିପଦା , ୨୧/୦୭ (ନି.ପ୍ର): ଆଜି ପୂର୍ବାହ୍ନ ଏଗାର ଘଟିକା ସମୟ ରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଣ୍ଟର ଠାରେ ମୟୁରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ ଙ୍କ ସଭାପତିତ୍ୱ ରେ ୭୭ତମ ସ୍ୱାଧୀନତା ଦିବସ -୨୦୨୩ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭ ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଭା ରେ ଯୋଗ ଦେଇଥିବା ସମସ୍ତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରସ୍ତୁତି ବୈଠକ ର ଆଭିମୁଖ୍ୟ ସମ୍ବନ୍ଧ ରେ ପ୍ରତିପାଦନ କରି ପୂର୍ବ ତିନି ବର୍ଷ ଧରି କୋଭିଡ କଟକଣା ରେ ସ୍ୱାଧୀନତା ଦିବସ ପାଳନ ହୋଇଥିବା ବେଳେ ଚଳିତ ବର୍ଷ ୭୭ ତମ ସ୍ୱାଧୀନତା ଦିବସ ପୂର୍ଣ୍ଣାଙ୍ଗ ଭାବେ ପାଳିତ ହେବା ନେଇ ପ୍ରକାଶ କରିବା ସହିତ ଏହି ଜାତୀୟ ଦିବସ କୁ ଜିଲ୍ଲା ସ୍ତରରେ ସୁନ୍ଦର ତଥା ଆକର୍ଷଣୀୟ ଭାବେ ବ୍ୟବସ୍ଥିତ ଢଙ୍ଗ ରେ ପାଳନ କରିବା ପାଇଁ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ତଦନୁସାରେ ଏହି ଜାତୀୟ ଦିବସ ପାଳନ ଅବସରରେ ଆବଶ୍ୟକୀୟ କାର୍ଯ୍ୟ, ଯଥା ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ ତଥା ଏଥି ପାଇଁ ଉପଯୁକ୍ତ ବିଚାରକ ମଣ୍ଡଳୀ ପ୍ରସ୍ତୁତି, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ଅଭିବାଦନ ମଞ୍ଚ ର ଉଭୟ ପାର୍ଶ୍ୱ ରେ ନିମନ୍ତ୍ରିତ ଅତିଥି ମାନଙ୍କ ବସିବା ପାଇଁ ଉତ୍ତମ ବ୍ୟବସ୍ଥା, ସହରାଞ୍ଚଳ କୁ ପରିଷ୍କାର ପରିଚ୍ଛନ୍ନ କରିବା , ପ୍ୟାରେଡ ପଡିଆ ଠାରେ ପାନୀୟ ଜଳ ଯୋଗାଣ, ଆକସ୍ମିକ ଦୁର୍ଘଟଣାର ମୁକାବିଲା, ପ୍ୟାରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟ ସେବା, ରାମ ଧୁନ ପରିବେଷଣ, ଅତିଥି ମାନଙ୍କୁ ନିମନ୍ତ୍ରଣ ଓ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମ ର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କୁ ଫଳ ବିସ୍କୁଟ ବଣ୍ଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷ ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯିବା ନେଇ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ସ୍ତରୀୟ ଏହି ଜାତୀୟ ଦିବସ କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ଅନୁଷ୍ଠିତ ଉକ୍ତ ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅକ୍ଷୟ ସୁନୀଲ ଅଗ୍ରୱାଲ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଉମେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷକନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ, ଆଇନଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତ୍ତା ଓ ଗଣମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନା ରେ ସକ୍ରିୟ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ . ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମୟୁରଭଞ୍ଜ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନା ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ର କର୍ମଚାରୀ ଶ୍ରୀ ଶ୍ରୀକାନ୍ତ ବେହେରା, ଶ୍ରୀ ଶିବ ଶଙ୍କର ଦତ୍ତ, ଶ୍ରୀ ରାମେଶ୍ୱର ବେଶ୍ରା ଓ ଶ୍ରୀ ରବି ନାରାୟଣ ନାଏକ ସହଯୋଗ କରିଥିଲେ ।

ଇଶ୍ୱରପୁର ସେବା ସମବାୟ ସମିତିରେ ଅର୍ଥ ତୋଷରପାତକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ: ଅର୍ଥ ଆତ୍ମସାତକୁ ଖଣ୍ଡନ କଲେ ସଭାପତି

ନୀଳଗିରି , ୨୧/୦୭ (ନି.ପ୍ର): ଔପଦା ବ୍ଲକରେ ଇଶ୍ୱରପୁର ସେବା ସମବାୟ ସମିତି ରେ ଲକ୍ଷ ଲକ୍ଷ ଟଙ୍କା ସମିତିର ସଭାପତି ଆତ୍ମସାତ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ନୀଳଗିରି ଡାକବଙ୍ଗଳା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମିତିର ସଭାପତି ଭାଗବତ ଖିଲାର, ଜେଏଲ୍ଜି ଯୋଜନା ମେମ୍ବରସିପ ଅର୍ଥ ହରିଲୁଟ କରିଥିବାର ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେହିପରି ସମିତି ଆଗରେ ଏକ ଗାଡ଼ିଆ ସଦୃଶ ଖାଲଥିବା ଯୋଗୁଁ ଏହାକୁ ପୋତିବା ପାଇଁ ନୀଳଗିରି ବିଧାୟକ ନିଜ ଅନୁଦାନ ପାଣ୍ଠିରୁ ୨ଲକ୍ଷ ଟଙ୍କା ଦେଇଥିବା ବେଳେ ଖାଲ ପୋତିବକ୍ଷ ପାଇଁ ଆଉ ୫୦ହଜାର ଟଙ୍କା ସମିତିରୁ ରିଜୋଲିସନ୍ କରି କାମ ନକରି ଅର୍ଥ ଉଠାଣ କରାଯାଇଥିବାର ପ୍ରେସମିଟ ରେ ସୂଚନା ଦେଇଛନ୍ତି । ଏହିପରି ଅନେକ କ୍ଷେତ୍ରରେ ଲକ୍ଷ ଲକ୍ଷ ଟଙ୍କା ତୋଷାର ପାତ କରାଯାଇଥିବା ବେଳେ ନୀଳଗିରି ଏ ଆର ସି ଏସ ଙ୍କୁ ତଦନ୍ତ ଭାର ଦିଆଯାଇଥିବା ବେଳେ ସଭାପତି ତଦନ୍ତରେ ବ୍ୟାଘାତ ସୃଷ୍ଟି କରି ଅଯଥାରେ ଏ ଆରସିଏସ ଙ୍କୁ ମିଥ୍ୟା ଆରୋପ କରୁଥିବାର ପ୍ରକାଶ କରୁଛନ୍ତି । ଅନ୍ୟପଟେ ସମିତିର ସଭାପତି ଭାଗବତ ଖିଲାର ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ଖାଲ ପୋତିବକ୍ଷ ପାଇଁ ସମିତିରେ ରିଜୋଲିସନ୍ କରାଯାଇଥିବା ବେଳେ ଆଜି ଯେଉଁମାନେ ମିଥ୍ୟା ତଥ୍ୟ ଆଣିଛନ୍ତି ସେମାନେ ମଧ୍ୟ ରିଜୋଲେସନ୍ ରେ ଦସ୍ତଖତ କରିଛନ୍ତି । ଜେଏଲ୍ ଜି ଯୋଜନାରେ କୌଣସି ଅନୀୟମିତତକ୍ଷ ହୋଇ ନଥିବା ବେଳେ ଏନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବା ନେଇ ସଭାପତି ସୂଚନା ଦେଇଛନ୍ତି । ତତ୍କାଳୀନ ଏସଏଆର ତଥା ପ୍ରଶାସକ ଶ୍ରୀ ଲକ୍ଷ୍ମୀଧର ରାଉତ ବର୍ତ୍ତମାନର ଏଆରସିଏସ ଶ୍ରୀଯୁକ୍ତ ରାଉତ କୋଭିଡ ଗାଇଡ ଲାଇନକୁ ଉଲ୍ଲଙ୍ଘନ କରି ତାଙ୍କର ଉପରିସ୍ଥ ଅଧିକାରୀ ଏଆରସିଏସ ନୀଳଗିରିଙ୍କୁ ତଦନ୍ତ ରିପୋର୍ଟ ନଦେଇ ଖିଲାପି ରୁଣୀଙ୍କୁ ପ୍ରଦାନ କରିଥିଲେ ଯାହାକି ବାଲେଶ୍ୱର ଡି ଆର ସି ଏସ ତତ୍କାଳୀନ ନୀଳଗିରି ଏଆରସିଏସ ଙ୍କୁ

୧୭୩୬ ତା ୧୯.୭.୨୧ରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶରେ ନେଇଥିଲେ ସଭାପତି ଶ୍ରୀଯୁକ୍ତ ଖିଲାର ସୂଚନା ଦେଇଛନ୍ତି । ବର୍ତ୍ତମାନର ଏଆରସି ଏସ ଲକ୍ଷ୍ମୀଧର ରାଉତ ଖିଲାପୀ ରୁଣି ଚାଷୀଙ୍କୁ ପ୍ରବର୍ତ୍ତାଇ ସମିତି ଆଗରେ ଧାରଣା ଦେବାପାଇଁ ଯୋଜନା କରୁଛନ୍ତି ବୋଲି ଶ୍ରୀଯୁକ୍ତ ଖିଲାର ପ୍ରକାଶ କରିଛନ୍ତି । ସମିତିର ବିକ୍ରେତା ସୁଦାମ ଚରଣ ନାୟକ ୨୦୧୮ମସିହା ଠାରୁ ଅମାନତ ଅର୍ଥରାଶି ଫିଡ଼ିଲିଟି ଗ୍ୟାରେଣ୍ଟି ଦୁଇଜଣ ବ୍ୟକ୍ତିଗତ ଗ୍ୟରେଣ୍ଟାର ଦେବାରେ ସମବାୟ ନିବନ୍ଧକ ଓଡ଼ିଶା ଙ୍କର ଗାଇଡ ଲାଇନ ଥିବା ବେଳେ ଏହାକୁ ଅଦ୍ୟାବଧି ସମିତିର ବିକ୍ରେତା ସୁଦାମଧର ନାୟକ ପୂରଣ କରିନଥିବାରୁ ନିୟମ ଅନୁଯାୟୀ ପରିଚାଳନା ପରିଷଦ ତାଙ୍କୁ ଚାକିରୀରୁ ବହିଷ୍କାର କରାଯାଇଥିବାର ଶ୍ରୀଯୁକ୍ତ ଖିଲାର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସଭାପତି ପ୍ରଫୁଲ୍ଲ ପାଣିଗ୍ରାହୀ, ଗୌରାଙ୍ଗ ପରିଡା, ଭିକାରୀ ଚରଣ ମଲ୍ଲିକ, ରତ୍ନାକର ଦାସ, ଭାଗବତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଆଇଏଏସ ପ୍ରଣୀତା ଆଜିର ଯୁବପିଢିଙ୍କ ପାଇଁ ଉଦାହରଣ

ପ୍ରଣିତା ଦାଶଙ୍କୁ ନିଜ ଜନ୍ମମାଟିରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା

ଆଇଏଏସରେ ୪୨ତମ ସ୍ଥାନ ଅଧିକାର କରିଛନ୍ତି ପ୍ରଣୀତା

ବାରିପଦା , ୨୧/୦୭ (ନି.ପ୍ର): ସର୍ବଭାରତୀୟ ପ୍ରଶାସନିକ ସେବା (ଆଇଏଏସ) ରେ ୪୨ତମ ସ୍ଥାନ ଅଧିକାର କରିଥିବା ମୟୂରଭଞ୍ଜ ମାଟିର ଝିଅ ପ୍ରଣିତା ଦାଶଙ୍କୁ ବାରିପଦା ସହିଦ ସ୍ମୃତି ଭବନ ଠାରେ ସୀମାନ୍ତ ଇଞ୍ଜିନିୟରିଙ୍ଗ କଲେଜ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ସମୂହ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ମୟୁରଭଞ୍ଜ ମାଟିର କନ୍ୟା ପ୍ରଣିତା ଦାଶ ସର୍ବ ଭାରତୀୟ ପ୍ରଶାସନିକ ସେବା ରେ ୪୨ତମ ସ୍ଥାନ ଅଧିକାର କରିବା କେବଳ ମୟୁରଭଞ୍ଜ ପାଇଁ ନୁହେଁ ସମଗ୍ର ଓଡିଶା ପାଇଁ ଗୌରବର ବିଷୟ ଏବଂ ଯୁବ ଗୋଷ୍ଠୀଙ୍କ ପାଇଁ ପ୍ରଣୀତା ଜଣେ ଅନନ୍ୟ ଉଦାହରଣ ବୋଲି କହିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ୱାର୍ଲଡ ଇଞ୍ଜିନିୟରିଙ୍ଗ ଫେଡେରେସନର ଉପସଭାପତି ତଥା ସୀମାନ୍ତ ଇଞ୍ଜିନିୟରିଙ୍ଗ କଲେଜ ପରିଚାଳନା ସମିତିର ସଭାପତି ଇଂ ଅଶୋକ କୁମାର ବସା, କଲେଜର ଅଧ୍ୟକ୍ଷ ଡ଼. ମାନସ ରଂଜନ ପାଣିପ୍ରମୁଖ ଯୋଗଦେଇ ପ୍ରଣୀତା ଦାସଙ୍କର ଅଧ୍ୟବସାୟ ଏବଂ କୃତିତ୍ୱ ବିଷୟରେ ଆଲୋଚନା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ. ସମ୍ବର୍ଦ୍ଧିତ ପ୍ରତିଭା ପ୍ରଣୀତା ଦାଶ ମଂଚାସୀନ ହୋଇ ନିଜ ସଂଗ୍ରାମ ଏବଂ ସଂଘର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ । ଏହି ଅବସର ରେ ପ୍ରଣୀତାଙ୍କୁ ବାରିପଦା ପୌରପରିଷଦ, ମୟୁରଭଞ୍ଜ ସିଟିଜେନ ଫୋରମ, ମୟୁରଭଞ୍ଜ କ୍ରୀଡା ସଂସଦ, ଏମକେସି ହାଇସ୍କୁଲ ଆଲୁମିନି ଏସୋସିଏସନ, ଏମପିସି କଲେଜ ଆଲୁମିନି ଏସୋସିଏସନ, ଇନର ହୁଇଲ କ୍ଲବ, ଯୁଫୋରିଆ ପ୍ରମୁଖ ବହୁ ଅନୁଷ୍ଠାନ ପକ୍ଷରୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଏବଂ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଅଧ୍ୟକ୍ଷ୍ୟ ଡ଼. ପାଣି ଧନ୍ୟବାଦ ଅର୍ପଣ କରିଥିଲେ. ଅପରାହ୍ନରେ ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ମଧ୍ୟ ସଂଘର ସଭାପତି ପ୍ରଦୀପ କୁମାର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ପାଦକ ବିପ୍ଳବ ବାରିକ, ଉପସଭାପତି ସୁଜାତା ମିଶ୍ର, ବିଭୁପ୍ରସାଦ ଦାସ ବରିଷ୍ଠ ଆଇନଜୀବି ବିଜନ ଦାସ, ହିମାଂଶୁ ପରିଡ଼ା ପ୍ରମୁଖ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ରହି ସଂଘ ପକ୍ଷରୁ ପ୍ରଣିତାଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

ବନ ବିଭାଗର ମୃତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ବ୍ୟାପକ ପଦକ୍ଷେପ

ବଲାଙ୍ଗିର, ୨୧/୦୭ (ନି.ପ୍ର): ବଲାଙ୍ଗୀର ବନ ବିଭାଗ ବିଭିନ୍ନ ସ୍ଥାନରେ ମୃତିକା ଏବଂ ଆର୍ଦ୍ରତା ସଂରକ୍ଷଣ ପାଇଁ ବ୍ୟାପକ ପଦକ୍ଷେପ ନେଇଛି, ଯାହା ଏକ ବିସ୍ତୃତ ଜଙ୍ଗଲ ଅଂଚଳକୁ ଅନ୍ତର୍ଭୁକ୍ତ କରିଛି । ୪୦ ଟି ତାର ଜାଲ୍ ଚେକ୍ ଡ୍ୟାମ୍ ଏବଂ ୨୭୦ ଟି ବୋଲ୍ଡର୍ ଚେକ୍ ଡ୍ୟାମ୍ ନିର୍ମାଣ ବ୍ୟତୀତ ଡିଭିଜନ୍ ଜଙ୍ଗଲ ଚଟାଣରେ ବିଭିନ୍ନ ଆକାରର ୨୫ ଟି ଆରସିସି ଚେକ୍ ଡ୍ୟାମ୍ ମଧ୍ୟ କାର୍ଯ୍ୟକାରୀ କରିଛି । ଏହି ସୁସଜ୍ଜିତ ଚେକ୍ ଡ୍ୟାମ୍ ବର୍ଷା ଜଳକୁ ଧରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ପ୍ରମାଣିତ ହୋଇଛି, ଯାହାକି ଭୂତଳ ଜଳର ରିଚାର୍ଜ ଏବଂ ବହୁ ପରିମାଣର ଜଳ ସଂରକ୍ଷଣକୁ ନେଇଥାଏ । ଡିଭିଜନର ଉତ୍ସର୍ଗୀକୃତ ଏବଂ କଠିନ ପରିଶ୍ରମ ଫଳ ଦେଇଛି, କାରଣ ଏହି ସଂରଚନାଗୁଡ଼ିକ ବର୍ତମାନ ଉଲ୍ଲେଖନୀୟ ଦକ୍ଷତା ସହିତ କାର୍ଯ୍ୟ କରୁଛି । ଚାଲୁଥିବା ମନିଟରିଂ ପ୍ରୟାସ ଆର୍ଦ୍ରତା ଧାରଣର ମୂଲ୍ୟାଙ୍କନ, ଭୂତଳ ଜଳର ସର୍ବେକ୍ଷଣ ଏବଂ ଅନ୍ୟାନ୍ୟ ପାରାମିଟର ମଧ୍ୟରେ ବନ୍ୟଜନ୍ତୁ ଉପଯୋଗିତାକୁ ଆକଳନ କରିଥାଏ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ଭିଜିଲାନ୍ସ ଜାଲରେ....

ପୁଷ୍ପାଙ୍ଗିନୀଙ୍କୁ ଗିରଫ କରି ତାଙ୍କ ଠାରୁ କେମିକାଲ ବୋଳା ୩୧ ହଜାର ଟଙ୍କା ଜବତ କରିଥିଲେ । ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଶ୍ରୀମତୀ ଯୋଶୀଙ୍କ ଅଫିସ ଘର ସମେତ ୩ ଗୋଟି ସ୍ଥାନରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କହାଯାଇଛି । ସେହିପରି ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଆଇଆଇସି ପୁଷ୍ପଲତା ରାଉତରାୟ ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ । ଫୁଲବାଣୀର ଶରତ ବେହେରା ହରଭଙ୍ଗାରେ ମହାନଦୀ ବାଲିଘାଟ ଠିକାରେ ନେଇଛନ୍ତି । ତାଙ୍କ କିଛି ବାଲି ଭର୍ତ୍ତି ହାଇୱା ଆଇଆଇସି ରାଉତରାୟ ଆଣି ଥାନାରେ ରଖିଥିଲେ । ଛାଡିବା ପାଇଁ ଏକ ଲକ୍ଷ ଟଙ୍କାରେ ମୁଲଚାଲ ହୋଇଥିଲା । ଏହାପରେ ଶ୍ରୀ ବେହେରା ବ୍ରହ୍ମପୁର ଭିଜିଲାନ୍ସ ଏସପିଙ୍କ ପାଖରେ ଅଭିଯୋଗ କରିଥିଲେ । ଯୋଜନା ଅନୁସାରେ ଶୁକ୍ରବାର ଟଙ୍କା ନେବା ବେଳେ ଧରା ପଡ଼ିଛନ୍ତି । ଚଢ଼ାଉରେ ବ୍ରହ୍ମପୁର ଓ ଫୁଲବାଣୀ ଭିଜିଲାନ୍ସ ଅଧିକାରୀ ସାମିଲ ଥିଲେ ।

୧୭ ପ୍ରସ୍ତାବ ଉପରେ....

୧ଲକ୍ଷ ୨୫ ହଜାର ଗ୍ରାମ ପଂଚାୟତ/ୱାର୍ଡ ବ୍ଲକ୍ ବା ସହର ସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟା ଏହି ଯୋଜନାରେ ଉପକୃତ ହେବେ । ସେହପରି କର୍କଟ ରୋଗୀଙ୍କ ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ନୂଆ ଯୋଜନା । ଓଡ଼ିଶା କମ୍ପ୍ରିହେନସିଭ କ୍ୟାନସର ପ୍ଲାନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି । କର୍କଟ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇବା ଉଦ୍ଦେଶ୍ୟରେ ଓଡିଶା ସାମ୍ପୁହିକ ସେବାର ଅଭିବୃଦ୍ଧି ପାଇଁ କ୍ୟାବିନେଟ୍ ୧୦୦୧.୧୪ କୋଟି ଟଙ୍କା ବଜେଟ୍ ଅନୁମୋଦନ କରିଛନ୍ତି । ୨ ବର୍ଷ ମଧ୍ୟରେ ୧୧ ଟି ସାମ୍ପୁହିକ କର୍କଟ ଚିକିତ୍ସା ୟୁନିଟ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ, ଭିମସାର ବୁର୍ଲା, ଏସଏଲଏନ୍ ମେଡିକାଲ କଲେଜ ଓ ହସ୍ପିଟାଲ କୋରାପୁଟ, ଏମକେସିଜି, କଳାହାଣ୍ଡି ମେଡିକାଲ କଲେଜ, ବିବି ମେଡିକାଲ କଲେଜ ବଲାଙ୍ଗିର, ପିଆରଏମ୍ ବାରିପଦା, ଏଫଏମ୍ ମେଡିକାଲ କଲେଜ ବାଲେଶ୍ୱର, କେନ୍ଦୁଝର ଧରଣୀଧର ମେଡିକାଲ କଲେଜ , ତାଳଚେର ମେଡିକାଲ କଲେଜ ଓ କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରରେ ନିର୍ମାଣ କରାଯିବ । ଏହାପରେ ଉନ୍ନତ କର୍କଟ ରୋଗ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡିବ ନାହିଁ । ଏହା ବ୍ୟତୀତ ୫ ପ୍ରତିଶତ ସୁଧରେ ସମବାୟ ବ୍ୟାଙ୍କ ଓ ପ୍ରାଥମିକ ସମବାୟ ସମିତିରୁ ଫସଲ ଋଣ ନେଉଥିବା ଚାଷୀଙ୍କ ଋଣ ଉପରେ ସୁଧ ଛାଡ । ଚଳିତ ଆର୍ଥିକ ବର୍ଷରୁ ଆଗାମୀ ପାଂଚ ବର୍ଷ ପାଇଁ ଏହି ସୁଧ ଛାଡ ବ୍ୟବସ୍ଥା ଲାଗୁ ହେବ । ଓଡିଶା ଲୋକାୟୁକ୍ତଙ୍କ ଦ୍ୱାରା ଉପସ୍ଥାପିତ ୨୦୨୨ ବର୍ଷର ରିପୋର୍ଟ ଅନୁମୋଦନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି । ଓଡିଶା ପର୍ଯ୍ୟଟନ ସେବା (ଓଟିଏସ୍) କ୍ୟାଡରର ପୁନର୍ଗଠନ ପାଇଁ ଓଡିଶା ପର୍ଯ୍ୟଟନ ସେବା ନିୟମାବଳୀ ୨୦୨୩କୁ କ୍ୟାବିନେଟ୍ ଅନୁମୋଦନ କରିଛି । ରାଜ୍ୟ ସେକ୍ଟର ସଡକ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ-ଜମ୍ବୁ ରାସ୍ତାକୁ ପ୍ରଶସ୍ତିକରଣ ପାଇଁ କ୍ୟାବିନେଟ୍ ନିଷ୍ପତି ହୋଇଛି । ଏହି ପ୍ରକଳ୍ପ ମାର୍ଶାଘାଇ ଠାରୁ ଗୋବରୀ ନଦୀ ନିକଟ ୨୪.୬୦୦ କିମି ରାସ୍ତା ୨ ଥାକିଆ ହେବ । ଏଥିପାଇଁ ଏବିସିଆଇ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ର ୧୦୩.୪୫ କୋଟି ଟଙ୍କାର ବିଡ୍ କୁ ଅନୁମୋଦନ ମିଳିଛି । ୨୧ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ବନ ସୁରକ୍ଷା ସମିତି କୋଠା ନିର୍ମାଣ ପାଇଁ ସରକାରଙ୍କ ନୂଆ ଯୋଜନା । ପ୍ରତି ଜିଲ୍ଲାରେ କୋଠା ନିର୍ମାଣ କାମ ହେବ ତ୍ୱରାନ୍ୱିତ । ସରକାରୀ ଉଦ୍ୟୋଗ, କମ୍ପାନୀ, ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ବାକି ପଡିଥିବା ଜଳକର ଏଣିକି ଏକକ ଭାବେ ପରିଶୋଧ କରିହେବ । ଏଥିପାଇଁ ଜଳସଂପଦ ବିଭା

ଶନିବାର, ଜୁଲାଇ ୨୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ରାସ୍ତା କାର୍ଯ୍ୟରେ ସମ୍ପ୍ରସାରଣ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୃହ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ନୀଳଗିରି , ୨୧/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଦେଇ ଯାଇଥିବା ଶେରଗଡ଼ ନୀଳଗିରି ଝରଣକ୍ଷଘାଟୀ (ଏସ.ଏନ.ଜେ) ୧୯ନଂ ରାଜ୍ୟ ରାଜପଥ ସମ୍ପ୍ରସାରଣ ରାସ୍ତାଟି ୧୨୫ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ଦାୟିତ୍ୱରେ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ନୀଳଗିରି ବାଇପାସ୍ ରାସ୍ତାର(ତଳ ସଡ଼କ) ଉଭୟ ପାର୍ଶ୍ୱରେ ପିଚ ରାସ୍ତାକୁ ଲାଗିଥିବା ଦୋକାନ ଗୃହ ଗୁଡିକୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବରୁ ରାସ୍ତାର ଉଭୟ ପାର୍ଶ୍ୱ ମାପଚୁପ ସାରିଥିଲା ବେଳେ ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ନୀଳଗିରି ତହସିଲଦାର ରଞ୍ଜନ ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ଆଇ. ଆଇ. ସି ଗୋପାଳ ଚନ୍ଦ୍ର କର୍ଣ୍ଣ, ପୂର୍ତ୍ତବିଭାଗ ଏସ ଡି ଓ ଜ୍ୟୋତିପ୍ରକାଶ ପଣ୍ଡା, ଯନ୍ତ୍ରୀ ଲକ୍ଷ୍ମଣ ସିଂ ଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇ ଜେସିବି ସାହାଯ୍ୟରେ ଦୋକାନ ଗୃହ ଭଙ୍ଗା ଯାଇଥିଲା । ଶାନ୍ତି ଶୃଙ୍ଖଳକ୍ଷର ସହ ଭଙ୍ଗା କାର୍ଯ୍ୟ ଚାଲିଥିବା ବେଳେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ନ ହୋଇ ସମସ୍ତେ ସହଯୋଗ କରିଥିଲେ ।

ଆବାସ ଯୋଜନା କେଳେଙ୍କାରୀ: ବିଡିଓଙ୍କୁ ଦାବିପତ୍ର

ଜଳେଶ୍ୱର , ୨୧/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବସ ଯୋଜନା ଅନିୟମିତତା ସଂପର୍କରେ ବହୁକଥା ଦେଖିବାକୁ ମିଳୁଥିବା ବେଳେ ଆଜି ଜଳେଶ୍ୱର କଂଗ୍ରେସ ପକ୍ଷରୁ ୪ଦଫା ଦାବିରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ୧୦ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ କଂଗ୍ରେସ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କହିଛି । ନିକଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପଂଚାୟତ ଗୁଡିକରେ ହିତାଧିକାରୀଙ୍କ ନାମ ପ୍ରକାଶ ପାଇଛି । ଏଥିରେ ବହୁ ତ୍ରୁଟି ବିଚ୍ୟୁତି ଓ ଅନିୟମିତତା ସଂପର୍କରେ ବିଡିଓ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପୂର୍ବ ତାଲିକାରେ ଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ଏବେ ନ ଥିବାର ଅଭିଯୋଗ ହୋଇଛି । ପୁଣି କେତେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ପ୍ରକାଶ ପାଇଛି । ଏପରିକି ଏକ ପରିବାରୁ ୨/୩ ହିତାଧିକାରୀଙ୍କ ନାମ ରହିଛି । ହିତାଧିକାରୀ ଚୟନ ଦାୟିତ୍ୱରେ ଥିବା କର୍ମଚାରୀମାନେ ଚଞ୍ଚକତା କରିଥିବାରୁ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି । ତାଲିକାରୁ ବାଦ ପଡିଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ତାଲିକାରେ ସାମିଲ କରିବାକୁ ସେମାନେ ଦାବି କରିଛନ୍ତି । ୧୦ ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ବ୍ଲକ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ଦଳ ବିଡିଓଙ୍କୁ ପ୍ରଦାନ କଲାବେଳେ ବ୍ଲକ ସଭାପତି ରାଜିବ ପରିଡା, ପଦ୍ମଲୋଚନ ବେହେରା, ଜିଲା ସାଧାରଣ ସଂପାଦକ ହେମନ୍ତ ଗିରି, ସୁଶାନ୍ତ ସେଠୀ, ଆଶିଷ କୁମାର ଘୋଷ, ଖଗେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ୱାସ୍ଥ୍ୟ ସମିତିର ସାଧାରଣ ପରିଷଦ ବୈଠକ

ଡ଼ିସେମ୍ବର ସୁଦ୍ଧା ସମସ୍ତ ନିର୍ମାଣ କାର୍ଯ୍ୟ ସମାପ୍ତି ପାଇଁ ନିର୍ଦ୍ଦେଶ

ଭଦ୍ରକ, ୨୧/୦୭ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ସାଧାରଣ ପରିଷଦର ବୈଠକ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ୱାସ୍ଥ୍ୟ ସମିତିର ଅଧ୍ୟକ୍ଷ ତଥା ଭଦ୍ରକ ଜିଲ୍ଲା ପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଡାକକ୍ତରଖାନାର ଡ଼ି.ପି.ଏମ୍. ସରିତା ମହାପାତ୍ରଙ୍କ ଦ୍ୱାରା ଆଲୋଚନା ପାଇଁ ଦୃଶ୍ୟ ଫଳକ ଜରିଆରେ ଉପସ୍ଥାପନ ଆଧାରରେ ସମୀକ୍ଷା କରାଯାଇଥିଲା । ଜିଲ୍ଲାସ୍ୱାସ୍ଥ୍ୟ ବିଭାଗ ଅଧିନରେ ନିର୍ମାଣାଧୀନ ବିଭିନ୍ନ ସବ୍‌ସେଣ୍ଟର, ପି.ଏଚ୍.ସି., ସି.ଏଚ୍.ସି. ଆଦିର ନିର୍ମାଣ କାର୍ଯ୍ୟର ଅଗ୍ରଗତି, ସମସ୍ୟା, ନୂତନପ୍ରସ୍ତାବ ଅର୍ଥଯୋଗାଣ ଆଦି ସମ୍ବନ୍ଧରେ ଟିକିନିଖି ଆଲୋଚନା କରାଯାଇ ବୈଠକରେ ଉପସ୍ଥିତ ବ୍ଲକ୍, ଆର.ଡ଼ି.ର ସଂପୃକ୍ତ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ଡାକ୍ତରଖାନା କୋଠା ନିର୍ମାଣ ପାଇଁ ଜମି ସମସ୍ୟା ଥିଲେ ବି.ଡ଼ି.ଓ. ଓ ତହସିଲଦାରଙ୍କ ଦୃଷ୍ଟିକୁ ଆଣିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏନ୍.ଏଚ୍.ଏମ୍‌ର ଯନ୍ତ୍ରୀମାନଙ୍କୁ ମଧ୍ୟ ଏହି କାମ ପ୍ରଦାନ କରାଯିବା ପାଇଁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରସ୍ତାବ ଦେଇଥିଲେ । ପ୍ରଦତ୍ତ ସୂଚନା ଅନୁଯାୟୀ ଅଧିକାଂଶ କାମ ପ୍ଲିନ୍ଥ, ମୂଳଦୁଆ, ଲିଣ୍ଟାଲ ସ୍ତରରେ ଅଛି । ଏସବୁକୁ ଆସନ୍ତା ଡ଼ିସେମ୍ବର ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରି ଆରମ୍ଭ ହୋଇନଥିବା ଏବଂ ଟେଣ୍ଡର ହୋଇଥିବା କାମ ପାଇଁ ଯଥାଶୀଘ୍ର ପଦକ୍ଷେପ ନେବାକୁ ମଧ୍ୟ କହିଥିଲେ । ପ୍ରତି ଡାକ୍ତରଖାନାକୁ ବେଷ୍ଟ କରିବା ପାଇଁ ଆବଶ୍ୟକ ଅନୁଯାୟୀ ଆମ ହସପିଟାଲ୍ ଯୋଜନାରେ କାର୍ଯ୍ୟ ହେଉଛି କି ନାହିଁ ମେଡ଼ିକାଲ ଅଫିସର ମାନେ ତଦାରଖ କରିବାକୁ କୁହାଯାଇଥିଲା । ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ମଧ୍ୟ ସମୀକ୍ଷା କରାଯାଇଥିଲା । ଚିକିତ୍ସା ଜନିତ ବିଭିନ୍ନ ପରୀକ୍ଷା ପାଇଁ ସମସ୍ତ ସି.ଏଚ୍.ସି.ରେ ଯେପରି ଆବଶ୍ୟକ ସମସ୍ତ କେମିକାଲ ମହଜୁଦ ରହିବା ସହ ମେସିନ୍ ସବୁ ଠିକ୍ ରହେ ସେଥିପ୍ରତି ଦୃଷ୍ଟି ରଖିବାକୁ ସି.ଡ଼ି.ଏମ୍.ଓଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା । କାୟାକଳ୍ପ ପୁରସ୍କାର ଭଳି ଏନ୍‌କ୍ୱାସରେ ଯୋଗ୍ୟତା ହାସଲ ପାଇଁ ଏବଂ ଆଗଧାଡ଼ିରେ ତାଲିକା ଭୁକ୍ତ ହେବାପାଇଁ ଜିଲ୍ଲାପାଳ ସଂପୃକ୍ତ ଡାକ୍ତର ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପ୍ରୟାସ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ପ୍ରସୂତୀ କକ୍ଷର ଗୁଣବତ୍ତା ବୃଦ୍ଧି ନେଇ 'ଲକ୍ଷ୍ୟ' ଯୋଜନା ଓ ଶିଶୁ ବିଭାଗର ମାନବୃଦ୍ଧି ପାଇଁ ଉଦ୍ଦିଷ୍ଟ 'ମୁସ୍କାନ' ଯୋଜନାରେ ତାଲିକା ଭୁକ୍ତ ପାଇଁ ମଧ୍ୟ ପ୍ରଯତ୍ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ରାଷ୍ଟ୍ରୀୟ କୈଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଟୀକାକରଣ କାର୍ଯ୍ୟକ୍ରମର ପ୍ରଗତି ଓ ସମସ୍ୟା ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଗଙ୍ଗାଧର ଚୈତନ୍ୟ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ବାସୁଦେବପୁର, ୨୧/୦୭ (ନି.ପ୍ର): ବାସୁଦେବପୁର ପୌର ପାଳିକାର ମନ୍ଦାରୀ ଗଙ୍ଗାଧର ଚୈତନ୍ୟ ଉ ପ୍ରା ମ ଇ ବିଦ୍ୟାଳୟ ପରିସରରେ ପରମ ପୂଜ୍ୟ ଗୁରୁଜୀ ସନାତନ ବେହେରାଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଉତ୍ସବ ରେ ଅଧ୍ୟାପକ ରମେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ଅଟଳ ବିହାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ ବଳ, ବାସୁଦେବପୁର ପୌର ପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ଶିକ୍ଷାବିତ ନକୁଳ ଚରଣ ବାରିକ, ମ ଇ ପ୍ରଧାନ ଶିକ୍ଷକ ଚିତ୍ତ ରଞ୍ଜନ ଦାସ, ଉ ପ୍ରା ପ୍ରଧାନ ଶିକ୍ଷୟତ୍ରୀ କମଳିନୀ ବେହେରା, ୫ ନମ୍ବର ୱାର୍ଡ ପାରିଷଦ ଜଗବନ୍ଧୁ ଦାସ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପ୍ରା ବିଦ୍ୟାଳୟ କମିଟି ସଭାପତି ମୃତ୍ୟୁ ଞ୍ଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହିତ ପାରେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅବସର ପ୍ରାପ୍ତ ଶିକ୍ଷକ ସନାତନ ବେହେରାଙ୍କୁ ପୁରାତନ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନପତ୍ର ଓ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ଜଳେଶ୍ୱର ସହରରେ ସ୍ଥାନୀତ ହେବ ଭକ୍ତକବି ଦୀନକୃଷ୍ଣ ଦାସ ବିଜୁବାବୁଙ୍କ ପ୍ରତିମୂର୍ତ୍ତି

ଜଳେଶ୍ୱର ୨୧/୭(ନିପ୍ର): ଭକ୍ତକବି ଦୀନକୃଷ୍ଣ ଦାସ ଜଣେ ଓ ସେ ଜଳେଶ୍ୱର ସହରର ଅନତୀଦୂର ସୁବର୍ଣ୍ଣରେଖା ନଦୀକୁ ମୁଣ୍ଡୁତୁଣିଆ ଗାଁରେ ଜନ୍ମିଥିଲେ ବୋଲି ପ୍ରକାଣିତ ହୋଇଛି । ତେଣୁ ରାଜ୍ୟର ପ୍ରବେଶଦ୍ୱାର ଜଳେଶ୍ୱର ସହରରେ ଭକ୍ତକବି ଦିନକୃଷ୍ଣ ଦାସଙ୍କ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତୀ ସ୍ଥାପନ ଲାଗି ଦାବି ହୋଇ ଆସୁଥିଲା । ଜଳେଶ୍ୱରର ବିଧାୟକ ତଥା ଭାଷା ସାହିତ୍ୟ, ପର୍ଯ୍ୟଟନ ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଚେଷ୍ଟାରେ ଏକ ବ୍ରଞ୍ଜମୂର୍ତ୍ତୀ ପୌରପାଳିକା ଅଂଚଳରେ ସ୍ଥାପିତ ହେବାକୁ ଯାଉଛି । ସେହିପରି ଆଧୁନିକ ଓଡିଶାର ନିର୍ମାତା ସ୍ୱର୍ଗତ ବିଜୁବାବୁଙ୍କ ଏକ ପ୍ରତିମୂର୍ତ୍ତି ଜଳେଶ୍ୱର ସହରରେ ସ୍ଥାପନ କରାଯିବାଲାଗି ଦାବି ହେଉଥିବାରୁ ଇଣ୍ଡୋର ଷ୍ଟାଡିୟମ ସମ୍ମୁଖରେ ତାହଳ ପ୍ରତିଷ୍ଠା ହେବବୋଲି ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ କହିଛନ୍ତି । ପ୍ରକାଶଯୋଗ୍ୟ ବିଜୁବାବୁଙ୍କ ନାମରେ ଏକ ଇଣ୍ଡୋର ଷ୍ଟାଡିୟମ ପ୍ରତିଷ୍ଠା ହୋଇ ସାରିଛି ।

ସ୍ୱଚ୍ଛ ଭାରତ ମିଶନ ତରଫରୁ ସର୍ଭେକ୍ଷଣ

ଲଙ୍ଗଳେଶ୍ୱର , ୨୧/୦୭ (ନି.ପ୍ର): ଭାରତକୁ ସ୍ୱଚ୍ଛ ସୁନ୍ଦର କରିବାକୁ ଚିନ୍ତା କରୁଥିବା ମହାତ୍ମାଗାନ୍ଧୀ ଙ୍କ ଚିନ୍ତାଧାରାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରୟାସ କରୁଛନ୍ତି । ସ୍ୱଚ୍ଛ ସର୍ବେକ୍ଷଣ ଅଭିଯାନ ୨୦୨୩ ଆରମ୍ଭ କରାଯାଇଛି । ସ୍ୱଚ୍ଛ ଭାରତ ମିଶନ ତରଫରୁ ବାଲିଆପାଳ ବ୍ଲକ ଘଣ୍ଟୁଆ ଗ୍ରାମ ପଞ୍ଚାୟତ ଘଣ୍ଟୁଆ ଗ୍ରାମ ରେ ଥିବା ସ୍କୁଲ, ଅଙ୍ଗନବାଡି ଓ ଡାକ୍ତରଖାନା ସମେତ ଗ୍ରାମରେ ଘରେ ଘରେ ହୋଇଥିବା ପାଇଖାନା ଗୋଡ଼ିକ ସର୍ଭେ କରାଯାଇଥିଲା । ବର୍ଷା ଦିନରେ ପାଇଖାନା ବ୍ୟବହାରକୁ ଏସ ବି ଏମ ବିଶେଷ ଭାବରେ ଗୁରୁତ୍ୱ ଦେଉଛି । ସ୍ୱଚ୍ଛ ଭାରତ ସର୍ଭେକ୍ଷଣ ତରଫରୁ ଫିଲଡ ଏସୁଅସାର ସୁଦର୍ଶନ ମହାକୁଡ଼, ଘଣ୍ଟୁଆ ପଞ୍ଚାୟତ ସରପଞ୍ଚ ସୁନୀଲ କୁମାର ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରୋଧ କୁମାର ବେହେରା , ବି ଆର ସି ସୁପ୍ରିୟା ବିଶ୍ୱାଳ, ମାଷ୍ଟର ଟ୍ରେନର ଲକ୍ଷ୍ମୀଧର ପ୍ରଧାନ, ସପନ କୁମାର ବାଗ, ବଂଶୀଧର ଜେନା ପ୍ରମୁଖ ସର୍ଭେ କରିଥିଲେ ।

ଜମିକୁ କେନାଲ ପାଣି ନେବା ସମସ୍ୟା : ବର୍ଷ ବର୍ଷ ଧରି ବେଠି ଖଟୁଛନ୍ତି କୃଷକ

ଉଦଳା , ୨୧/୦୭ (ନି.ପ୍ର): ଏହା ଇଂରେଜ ସରକାରଙ୍କ ଶାସନ ସମୟର କଥା ନୁହେଁ । ସ୍ୱାଧୀନତାର ଦିର୍ଘ ୭୫ ବର୍ଷ ପରେ ମଧ୍ୟ ବେଠି ଖଟୁଥିବା କୃଷକଙ୍କୁ ଦେଖିବାକୁ ମିଳୁଛି । ଏମିତି ଏକ ଦୃଶ୍ୟ ସାମନାକୁ ଆସିଛି ଉଦଳା ବ୍ଲକ ଅନ୍ତର୍ଗତ ଶ୍ରୀଦାମଚନ୍ଦ୍ରପୁର ଗ୍ରାମପଂଚାୟତ ମଧ୍ୟରେ । ଏହି ଗ୍ରାମଦେଇ ଦେଓ ନଦୀ ଉପରେ ବାଲମା ଠାରେ ନିର୍ମିତ ବନ୍ଧରୁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିୟନ୍ତ୍ରଣରେ ଥିବା ଏକ କେନାଲ ଯାଇଛି । ଉକ୍ତ କେନାଲ ପାଣି ଚାଷ ଜମିକୁ ମଡ଼ାଇବା ପାଇଁ ବର୍ଷରେ ଥରେ କେନାଲଟିକୁ ସଫେଇ କରିବା ଦରକାର ପଡ଼େ । ଏଥିପାଇଁ ନିଯୁକ୍ତି ପାଇଥିବା ସରକାରୀ ବାବୁ ମାନେ କୌଣସି ଦିନ ସଫେଇ କରିବାକୁ ଆସନ୍ତି ନାହିଁ । ଚାଷ ଜମିକୁ ପାଣିର ଆବଶ୍ୟକତା ଜରୁରୀ ହୋଇ ପଡ଼ିବାରୁ କୃଷକ ମାନେ ବିନା ପାରିଶ୍ରମିକରେ ପ୍ରତିବର୍ଷ କେନାଲ ସଫେଇ କାର୍ଯ୍ୟରେ ଲାଗିଥାନ୍ତି । ଏଇଭଳି କୃଷକ ମାନଙ୍କୁ ବେଠି ଖଟିବାକୁ ପରିସ୍ଥିତି ବାଧ୍ୟ କରିଥାଏ । ଏହି କାମ ପାଇଁ ମନରେଗା ଯୋଜନାରେ ମଜୁଳରଥିବା ମଜୁରୀ କୃଷକ ମାନଙ୍କୁ ପ୍ରଦାନ କରିବାକୁ ସାଧାରଣରେ ଦାବୀ ହେଉଛି । ସ୍ଥାନୀୟ ଗ୍ରାମପଂଚାୟତ କାର୍ଯ୍ୟାଳୟ ଏ ଦିଗରେ ତତ୍ପରତା ପ୍ରକାଶ କରିବା ସହିତ ଉକ୍ତ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ତେବେ ଆଜି ଜୁଲାଇ ୨୧ ତାରିଖ ଶୁକ୍ରବାର ଦିନ ଚାଲିଥିବା କେନାଲ ସଫେଇ କାମରେ ବୁଧୁ ସିଂ, ଗୌରମୋହନ ସିଂ, ତପନ ମହାନ୍ତ ପ୍ରମୁଖ ନେତୃତ୍ୱ ନେଇଥିବାର ଜଣାଯାଇଛି ।

ବସ୍ତା କଂଗ୍ରେସର ବିଦ୍ୟୁତ ଡ଼ିଭିଜନ ଅଫିସ ଘେରାଉ

ବସ୍ତା୨୧.୭(ନିପ୍ର) ବିଦ୍ୟୁତ ବିଭାଗର ଏଜେନ୍ସି ଟାଟା ପାୱାର ର ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । ଗରିବ ଲୋକ ମାନେ ଦି ଓଳି ଖାଇବାକୁ ପାଉନଥିବାବେଳେ ଟାଟା ପାୱାର ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ଆଦାୟ କରୁଛି ମାସର ନିର୍ଦ୍ଦିଷ୍ଟ ତାରିଖ ରେ ବିଦ୍ୟୁତ ବିଲ୍ ନ ଦେଇ ମାସର କୋଡ଼ିଏ ତାରିଖ ରେ ଆଦାୟ କରି ବର୍ଷକୁ ଦୁଇ ମାସ ଅଧିକ ବିଲ୍ ନେଉଛନ୍ତି । ଚବିଶ ଘଣ୍ଟା ରେ ତିରିଶ ଥର ରୁ ଅଧିକ ବିଦ୍ୟୁତ କାଟ ହେଉଛି । ମିଟର ରିଡିଙ୍ଗ ରେ ଦୁର୍ନୀତି ହେଉଛି । ଏବଂ ଟାଟା ପାୱାର ଅହେତୁକ ଫାଇନ କରୁଛି । ବକେୟା ବିଦ୍ୟୁତ ଦେୟ ଆଦାୟ ବେଳେ ଜୋର ଜବରଦସ୍ତ ସୁଧ ସହ ସାଧାରଣ ଲୋକଙ୍କ ଉପରେ ଟାଟା ପାୱାର ଜୁଲମ କରି ଆଦାୟ କରୁଛି ଏବଂ ଅଜଥା ରେ ଲୋକ ଙ୍କ ଉପରେ ମକର୍ଦ୍ଦମା ରୁଜୁ କରୁଛନ୍ତି ଟାଟା ପାୱାର ର ନିଯୁକ୍ତି ସମୟରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିଛି ଟାଟା ପାୱାର ଏତତ ବ୍ୟତୀତ ବିଦ୍ୟୁତ ବିଭାଗର ଭିତ୍ତି ଭୂମୀ ପାଇଁ ପନ୍ଦର ହଜାର କୋଟି ଟଙ୍କା ର ଶ୍ୱେତ ପତ୍ର ରାଜ୍ୟ ସରକାର ପ୍ରକାଶ କରିବା ସମେତ ଆହୁରି ଅନେକ ଦାବି ନେଇ ଆଜି ବସ୍ତା କଂଗ୍ରେସ ବସ୍ତା ବିଦ୍ୟୁତ ବିଭାଗର ଡିଭିଜନ ଅଫିସ ଘେରାଉ କରିଛି । କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଙ୍କ ଆହ୍ୱାନ ଓ ବସ୍ତା ନିର୍ବାଚନ ମଣ୍ଡଳୀ ନେତା ବିଜନ ନାୟକ ଙ୍କ ନେତୃତ୍ୱ ରେ ଶହ ଶହ କଂଗ୍ରେସ କର୍ମୀ ଓ ନେତାମାନେ କୁଡ଼ିଆ ପୋଲ ନିକଟରୁ ପତାକା ଓ ପ୍ଲାକ କାର୍ଡ ଧରି ନାରା ଦେଇ ବିଶାଳ ଶୋଭାଯାତ୍ରା ରେ ବିଦ୍ୟୁତ ବିଭାଗର ଡିଭିଜନ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ସେଠାରେ ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା ଙ୍କ ସଭାପତିତ୍ୱ ରେ ବସ୍ତା କଂଗ୍ରେସ ସଂଗଠନ ଦାୟିତ୍ୱ ରେ ଥିବା ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଙ୍କ ପରିଚାଳନା ରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସ କମିଟି ର ସଭାପତି ସଂଜୀବ ଗିରି ଉଦବୋଧନ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲ ଓଡ଼ିଶା ମାଟିରେ ଟାଟା ପାୱାର ର ଜୁଲମ କୁ କଂଗ୍ରେସ ବରଦାସ କରିବ ନାହିଁ ଏ ଆନ୍ଦୋଳନ ଆହୁରି ତୀବ୍ର ହେବ ଟାଟା ପାୱାର ରାଜ୍ୟ ସରକାର ର ଗୁଲାମି କରି ସାଧାରଣ ଲୋକଙ୍କୁ ଶୋଷଣ କରି ରାଜ୍ୟ ସରକାରୀ ଦଳର ନିର୍ବାଚନୀ ପାଣ୍ଠି ସଂଗ୍ରହ କରୁଛି ବୋଲି କହିଥିଲେ । ପିସିସି ମୁଖପାତ୍ର ସୁଦର୍ଶନ ଦାସ ଯୋଗ ଦେଇ ଟାଟା ପାୱାର କୁ ଖୋବ ଶିଘ୍ର ଟା ଟା କରାଯିବ ବୋଲି କହିଥିଲେ । ଜିଲ୍ଲା କଂଗ୍ରେସ ଉପସଭାପତି ସରପଂଚ ଡଃ ନଗେନ୍ଦ୍ର କୁମାର ସିଂ ମନୋଜ କୁମାର ମହାନ୍ତି ରାଜ୍ୟ କିଶାନ କଂଗ୍ରେସ ର ସାଧାରଣ ସମ୍ପାଦକ ଅରୁଣ ଜେନା ଜିଲ୍ଲା ପରିଷଦ ସଭ୍ୟ ବାବାଜୀ ଦେହୁରୀ ରବି ନାରାୟଣ ମହାନ୍ତି ପୁର୍ବତନ ସରପଞ୍ଚ ପ୍ରଭାଶ ମଣ୍ଡଳ ବାଲିଆପାଳ ପଂଚାୟତ ସମିତି ଅଧ୍ୟକ୍ଷ ରଞ୍ଜିତା ନାୟକ ଉପାଧ୍ୟକ୍ଷ ଆଶିଷ